ଧରିତ୍ରୀ
DHARITRI
October 26- November 01, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ



# ପକ୍ଷୀଙ୍କ ଗାଁ

ପକ୍ଷୀଙ୍କ ସୁରକ୍ଷା ପାଇଁ ସେମାନେ ସଂକଳ୍ପବଦ୍ଧ। ପକ୍ଷୀ ସୁରକ୍ଷା ପାଇଁ ସରକାରଙ୍କ ସହ ମିଶି ବିଭିନ୍ନ ପଦକ୍ଷେପ ନେବା ସହ ନିଜ ଘରର କାନ୍ଥକୁ ପକ୍ଷୀଙ୍କ ଚିତ୍ରରେ ଚିତ୍ରିତ କରିଛନ୍ତି। ପକ୍ଷୀଙ୍କ ଗାଁ ଭାବରେ ମାନ୍ୟତା ପାଇଥିବା ଏହି ଗାଁ ହେଉଛି ଗୋବିନ୍ଦପୁର...

୩
ପ୍ରଚ୍ଛଦ ପ୍ରସଙ୍ଗ



# ତାମ୍ର ସୂର୍ଯ୍ୟଙ୍କର ବାସ୍ତୁ ମହତ୍ତ୍ୱ

**ସୁସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଘରେ କିଛିଟା ବିଶେଷ ଜିନିଷ ରଖିବାକୁ ବାସ୍ତୁଶାସ୍ତ୍ରରେ ଉପଦେଶ ଦିଆଯାଇଥାଏ। ତନ୍ମଧ୍ୟରୁ ସବୁଠୁ ପ୍ରଭାବଶାଳୀ ବାସ୍ତୁ ଉପକରଣ ଭାବେ ତମ୍ବାରେ ତିଆରି ସୂର୍ଯ୍ୟଙ୍କର ପ୍ରତିମାଙ୍କୁ ବିବେଚନା କରାଯାଇଥାଏ। ତେବେ ଏହି ପ୍ରତିମା ଘରେ ଲଗାଇଲେ କ'ଣ ଶୁଭ ହୁଏ, ସେ ସମ୍ପର୍କରେ...**



* ଘରର ପ୍ରବେଶ ଦ୍ୱାର ଯଦି ପୂର୍ବ ଦିଗରେ ହୋଇଥାଏ, ତା'ହେଲେ ଏହି ଦ୍ୱାରର ଉପରି ଭାଗରେ ଉକ୍ତ ବାସ୍ତୁ ପ୍ରତିମାକୁ ଲଗାଇବା ସବୁଠୁ ଉତ୍ତମ ହୋଇଥାଏ।
* ପୂର୍ବ ଦିଗରେ ଘରର ମୁଖ୍ୟ ପ୍ରବେଶ ଦ୍ୱାର ନ ହୋଇ ଅନ୍ୟ ଦିଗରେ ହୋଇଥିଲେ ବି ଗୃହସ୍ଥ ଏହି ପ୍ରତିମାକୁ ଘରର ପୂର୍ବ ଦିଗର କାନ୍ଥରେ ମଧ୍ୟ ଲଗାଇପାରିବେ।
* ଏହି ପ୍ରତିମା ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଊର୍ଜାର ପ୍ରଭାବ ବୃଦ୍ଧିପାଏ। ଫଳରେ ପରିବାର ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ଯଶ, ଖ୍ୟାତି, ସମ୍ମାନ ଆଦି ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ।
* ରଚନାତ୍ମକ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିଙ୍କ ପାଇଁ ଘରେ ତାମ୍ର ସୂର୍ଯ୍ୟଙ୍କ ପ୍ରତିମା ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ସେହିପରି ଯେଉଁମାନେ କ୍ୟାରିୟରରେ ଉନ୍ନତି କରିବାକୁ ଚାହୁଁଥାନ୍ତି, ସେମାନେ ମଧ୍ୟ ସୂର୍ଯ୍ୟଙ୍କର ଏହି ପ୍ରତିମାକୁ ଘରର ପୂର୍ବ ଦିଗରେ ଲଗାଇପାରିବେ।
* ସୂର୍ଯ୍ୟଙ୍କର ଏହି ତାମ୍ର ପ୍ରତିମାକୁ କେବଳ ଘରେ ଲଗାଇହେବ ତାହା ନୁହେଁ କାର୍ଯ୍ୟକ୍ଷେତ୍ର ଓ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଲଗାଇପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୬- ନଭେମ୍ବର ୧, ୨୦୨୫

**ମେଷ**
ଅସୁସ୍ଥ ମାନସିକତା, ସାମାଜିକ ସମ୍ମାନ, ପୁଅଝିଅଙ୍କ କୃତିତ୍ୱ, ସହକର୍ମୀଙ୍କ ବଦାନ୍ୟତା, ପ୍ରତିବନ୍ଧକ ଦୂର ହେବ, ପର୍ଯ୍ୟଟନରେ ଉନ୍ନତି, ଚଳଚ୍ଚିତ୍ରରେ ବିବାଦ, ଯଶସମ୍ମାନ ଲାଭ, ଆର୍ଥିକ ଉନ୍ନତି, ମିତ୍ରବନ୍ଧୁଙ୍କ ସୁପରାମର୍ଶ, ଆନୁଷ୍ଠାନିକ କର୍ମାରମ୍ଭ ॥

**ବୃଷ**
କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସହାନୁଭୂତି, ସନ୍ତାନଙ୍କ କୃତିତ୍ୱ, ନୂତନବନ୍ଧୁ ସମ୍ପର୍କ ସ୍ଥାପନ, ପାରିବାରିକ ଶାନ୍ତି, ରାଜନୈତିକ ଆଲୋଚନା, ଦ୍ୱନ୍ଦ୍ୱର ଅବସାନ, ତୀର୍ଥାଟନର ସୁଯୋଗ, ସାହିତ୍ୟାନୁରାଗୀ ହେବେ ॥

**ମିଥୁନ**
ବୈଷୟିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, ଶୃଙ୍ଖଳିତ କାର୍ଯ୍ୟପଦ୍ଧତି, ଆନୁସଙ୍ଗିକ ସହଯୋଗ, ଭୁଲ୍ ନିଷ୍ପତ୍ତି ନେଇପାରନ୍ତି, ପ୍ରତିବନ୍ଧକ ଦୂରେଇଯିବ, ମିତ୍ରମାନେ ମତ ବଦଳାଇବେ, କାରବାରରେ ଉନ୍ନତି, ପ୍ରତିଯୋଗୀତାରେ ସଫଳତା ॥

**କର୍କଟ**
ସମସ୍ୟାର ସମାଧାନ, ଶାନ୍ତ ବାତାବରଣ, ଧର୍ମ ସଂକଟରେ ପଡିବେ, ନିଷ୍ପତ୍ତିର ପରିବର୍ତ୍ତନ, ପାରିବାରିକ ଶାନ୍ତି, ନିର୍ମାଣରେ ବିବାଦ, ପରିବହନରେ ଉନ୍ନତି, ସଭାସମିତିକୁ ନିମନ୍ତ୍ରଣ ॥

**ସିଂହ**
ପାରିବାରିକ ଅଶାନ୍ତି, ସମସ୍ୟା ପ୍ରତିହତ ହେବ, ପ୍ରତିଯୋଗୀତାରେ ବିଜୟ, ଯାନବାହନ ମରାମତି, ନୂତନ କର୍ମସଂସ୍ଥାନର ସୂଚନା, ଅନୁକୂଳ ପରିବେଶ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ନୂତନ ପ୍ରକଳ୍ପାରମ୍ଭ, ଆଇନ ସହାୟତା ପ୍ରାପ୍ତି ॥

**କନ୍ୟା**
ନୂତନ ବନ୍ଧୁତ୍ୱ ସୃଷ୍ଟି, ସଂଘର୍ଷମୟ କର୍ମକ୍ଷେତ୍ର, ଲକ୍ଷ୍ୟସ୍ଥଳକୁ ଯାଇପାରିବେ, ଖର୍ଚ୍ଚ ପରିମାଣ ବୃଦ୍ଧି, ସମ୍ପର୍କୀୟଙ୍କ ସମାଲୋଚନା, ସନ୍ତାନହେତୁକ ଗୌରବ, ଆତ୍ମଗୌରବ ଲାଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବନ୍ଧ ରଚନାରୁ ପ୍ରଶଂସା ॥

**ତୁଳା**
ସ୍ୱାଭିମାନ ବଜାୟ ରଖିବେ, ଲକ୍ଷ୍ୟ ପୂରଣରେ ଅସମର୍ଥ, ପ୍ରତୀକ୍ଷା ଜନିତ କଷ୍ଟ, ଅର୍ଥ ସମ୍ପର୍କୀୟ ବିବାଦ, ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ମାନସିକ ଚାପ ବୃଦ୍ଧି, ପାରିବାରିକ ଅସହଯୋଗ, ପ୍ରଶଂସନୀୟ କାମ କରିବେ, ପବ୍ଲିକେଶନରେ ସମସ୍ୟା ॥

**ବିଛା**
ସମ୍ପର୍କ ହ୍ରାସ ପାଇବ, ଗୋଳମାଳିଆ ପରିସ୍ଥିତି, ବନ୍ଧୁଙ୍କ ବେଖାତିର କାର୍ଯ୍ୟକଳାପ, ଦୁର୍ବିସହ ଜୀବନଯାତ୍ରା, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ବିବାଦୀୟ ଘଟଣାର ଆଶଙ୍କା, ଗୃହସୀମାକୁ ନେଇ ବିତର୍କ, ଭାବ ପ୍ରବଣତା ବଢିବ, ମାନସିକ ଅଶାନ୍ତି ॥

**ଧନୁ**
ନିରଳସ କର୍ମନୈପୁଣ୍ୟ, ବନ୍ଧୁଙ୍କୁ ଆପଣେଇ ନେବେ, ଉପହସିତ ହୋଇପାରନ୍ତି, ନୂତନ କାମର ପରିକଳ୍ପନା, ସାହାଯ୍ୟର ଅଭାବ ରହିବନି, ବିବାଦୀୟ ଘଟଣାରେ ମଧ୍ୟସ୍ଥତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ପୁରାତନ ରୋଗରେ ପୀଡା ॥

**ମକର**
କର୍ମପ୍ରବାହର ଗତିରୋଧ, ପ୍ରତିବନ୍ଧକକୁ ପ୍ରତିହତ କରିବେ, ସାମାଜିକ ସହଯୋଗ, ଉଚ୍ଚଶିକ୍ଷାର ସୁଯୋଗ, ସନ୍ତାନବତ୍ସଳ ହେବେ, ପ୍ରତିଦାନ ଆଶା ମଉଳିବ, ମାନସିକ ଆଘାତ ପାଇବେ, ସ୍ୱାର୍ଥହାନୀ ଘଟିପାରେ, ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ ॥

**କୁମ୍ଭ**
କର୍ମକ୍ଷେତ୍ରରେ ସମସ୍ୟା, ମାନସିକ ଭାରସାମ୍ୟ ହରାଇବେ, ଯାନବାହନ କ୍ରୟବିକ୍ରୟ, ଜମିଜମାର ଜଟିଳ ସମସ୍ୟା, ବନ୍ଧୁ ସମ୍ପର୍କ ହାନୀ, ବିଦେଶ ଯାତ୍ରାର ସୁଯୋଗ ପ୍ରାପ୍ତି, କ୍ରନିକ ରୋଗରେ ପୀଡା, ମନୋରଞ୍ଜନ କାର୍ଯ୍ୟକ୍ରମ ॥

**ମୀନ**
ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଃଶ୍ଚିନ୍ତା, ଅପ୍ରିୟଭାଷଣରୁ କଳହ, ବିବାଦୀୟ ହୋଇପାରନ୍ତି, ପରିବାରରେ ବିତର୍କ, ଅର୍ଥନୈତିକ ଅଭିବୃଦ୍ଧି, ଭ୍ରାତୃସମ୍ପର୍କରେ ଉନ୍ନତି, ଉତ୍ତମ ରାଜନୈତିକ ସ୍ଥିତି, କର୍ମଚାରୀଙ୍କ ଆନୁଗତ୍ୟ, ନିକଟ ସମ୍ପର୍କୀୟଙ୍କ ଟାହି ଟାପରା ॥

# ସୁଖ ସମୃଦ୍ଧି ପାଇଁ...

ଏମିତି କିଛି ବିଶେଷ କଥା ରହିଛି, ଯାହା ଉପରେ ଟିକେ ନଜର ଦେଲେ ଘରର ସୁଖ, ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି: *ଶୋଇକି ଉଠିବା ପରେ ଅସଜଡ଼ା ଶେଯକୁ ଟିକେ ସଜାଡ଼ିଦେବା, ନ ହେଲେ ଶନି ଦେବତାଙ୍କର କୁଦୃଷ୍ଟି ସୁଖଶାନ୍ତି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ। *ଖାଇଲାବେଳେ ଖାଦ୍ୟ ଥାଳିରେ ଯେଉଁ ଲୁଣ ଦିଆଯାଇଥାଏ, ତାହାକୁ କେବେ ବି ତଳେ ନ ପକାଇ କିମ୍ବା ହାତରେ ଲାଗିଥିବା ଲୁଣକୁ ଲୁଗାରେ ନ ପୋଛି ବରଂ ତାହାକୁ ପାଣିରେ ଧୋଇଦେବେ। ଲୁଣକୁ ତଳେ ପକାଇଲେ କିମ୍ବା ଲୁଗାରେ ପୋଛିଲେ କୁଆଡ଼େ କରଜ ବଢ଼ିଥାଏ ବୋଲି କୁହାଯାଏ। *ଠାକୁରଙ୍କୁ ପୂଜାକରିବା ସମୟରେ ସକାଳେ ହେଉ ଅବା ସନ୍ଧ୍ୟାରେ ଥରୁଟିଏ ହେଉ ନା



କାହିଁକି ଝୁଣାଧୂପ କିମ୍ବା କର୍ପୂର ଆଳତି କଲେ ପ୍ରଭୁକୃପା ମିଳିଥାଏ। *ଟଙ୍କା ପଇସା ରଖୁଥିବା ଆଲମାରୀର ମୁହଁ କେବେ ବି ଦକ୍ଷିଣ ଦିଗକୁ କରିବେ ନାହିଁ। ଏହାଦ୍ୱାରା ପରିବାରରେ କାହାରି ନା କାହାରି ଦେହ ଖରାପ ହୋଇଥାଏ ଆଉ ସେହିଥିରେ ହିଁ ଅର୍ଥ ସବୁ ଖର୍ଚ୍ଚ ହୋଇଯାଏ ବୋଲି ବିଶ୍ୱାସ ରହିଛି। *ଶ୍ରୀଯନ୍ତ୍ର କିମ୍ବା ନାଲି କପଡ଼ାରେ ଗୁଡ଼ା ହୋଇଥିବା ନଡ଼ିଆ ଠାକୁରଘରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ପାଖରେ ରଖିଲେ ମାତା ଖୁସି ହୋଇଥାନ୍ତି। ଫଳରେ ଘରର ମଙ୍ଗଳ ହୋଇଥାଏ। *ଘରେ ବ୍ୟବହାର ହେଉଥିବା ଯେକୌଣସି ପାଣି ଟ୍ୟାପ୍‌କୁ ବନ୍ଦ କରିବା ସତ୍ତ୍ୱେ ବି ଯଦି ସେଥିରୁ ପାଣି ଝରୁଥାଏ, ତା'ହେଲେ ଘରେ ଅଭାବ ଅନଟନ ଦେଖାଯିବା ସହ ଅମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

* ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପାଇଁ କ୍ଷତିକାରକ ଜାଣିସୁଦ୍ଧା ଏହାର ବ୍ୟବହାର କମିବା ବଦଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ହେଲେ କିଛି ଲୋକ ଅଛନ୍ତି, ଯେଉଁମାନେ ଏହାର ବ୍ୟବହାରକୁ ରୋକିବା ପାଇଁ କରିଛନ୍ତି ଅଭିନବ ପ୍ରୟାସ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ଲାଷ୍ଟିକ୍‌ରୁ ମୁକ୍ତି' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ସାଇନି ମହାପାତ୍ର, କଟକ*

* 'ପ୍ଲାଷ୍ଟିକ୍‌ରୁ ମୁକ୍ତି' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ହେବା ସହ ବେଶ୍ ଶିକ୍ଷଣୀୟ ହୋଇଥିଲା। 'ହସଖୁସିର ପରିବାର ପାଇଁ', 'ଜନ୍ମମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। 'ନିଆରା ବେଞ୍ଚ' ଶୀର୍ଷକ ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*– ନକୁଳ ପରିଡ଼ା, ପୁରୀ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିତ୍ରକର ସୁବ୍ରତ କୁମାର ମଲ୍ଲିକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମାଆ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ୟାମି ଗୌତମଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା।

*– ସୁବ୍ରତ କୁମାର ଧଳ, ମାଲକାନଗିରି*

* କବି ଅୟସକାନ୍ତଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଭାରି ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ହୋଇଥିଲା। 'ପରିଚୟ ଦେଇଛି ଟେରାକୋଟା' ଶୀର୍ଷକ ପାଠଟି ନିଆରା ଲାଗିବା ସହ ପ୍ରେରଣାଦାୟୀ ଥିଲା। 'ସାମୁଦ୍ରିକ କଇଁଛ ସୁରକ୍ଷାରେ ରବୀନ୍ଦ୍ର' ଶୀର୍ଷକ ପାଠଟି ମଧ୍ୟ ଖୁବ୍ ନିଆରା ଥିଲା।

*– ସଞ୍ଜୁକ୍ତା ସେଠୀ, ବ୍ରହ୍ମପୁର*

* 'ତାପଙ୍ଗ ଗଡ଼'ଶୀର୍ଷକ ପାଠଟିରୁ ବହୁ ଅଜଣା ଐତିହାସିକ ତଥ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ମିଳିଲା। ସହର ପୃଷ୍ଠାରୁ 'ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ପବର୍ ଉପତ୍ୟକା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ଲାବୁବୁ ଡଲ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ପୁଷ୍ପେନ୍ଦୁ ବରାଳ, ସୁନ୍ଦରଗଡ଼*

* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଚୋରି ମାହାତ୍ମ୍ୟ' ଶୀର୍ଷକ ପାଠଟି ପଢ଼ି ବହୁ ଅଜଣା କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କଫିରେ ଥ୍ରୀ ଡି ଆର୍ଟ', 'କିସେଞ୍ଜର', 'ଝିଣ୍ଟିକା ଲଢ଼େଇ ଚାମ୍ପିୟନ୍‌ଶିପ୍' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା ପଢ଼ିବାକୁ।

*– ଗିରିଜା ସେନାପତି, ମୟୂରଭଞ୍ଜ*

## ବିଶେଷ ଚିଠି




'ପ୍ଲାଷ୍ଟିକ୍‌ରୁ ମୁକ୍ତି' ଶୀର୍ଷକ
ପାଠଟି ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ସାଥୀ, ସିନେମା ଓ ସହର
ମନ କିଣି ନେଉଥିଲା ପୁଣି
ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ଖୁବ୍ ନୂତନ।

*– ଛବିନା ମିଶ୍ର, ସାତଶଙ୍ଖ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପକ୍ଷୀଙ୍କ ଗାଁ

**ପକ୍ଷୀଙ୍କ ସୁରକ୍ଷା ପାଇଁ ସେମାନେ ସଂକଳ୍ପବଦ୍ଧ । ପକ୍ଷୀ ସୁରକ୍ଷା ପାଇଁ ସରକାରଙ୍କ ସହ ମିଶି ବିଭିନ୍ନ ପଦକ୍ଷେପ ନେବା ସହ ନିଜ ଘରର କାନ୍ଥକୁ ପକ୍ଷୀଙ୍କ ଚିତ୍ରରେ ଚିତ୍ରିତ କରିଛନ୍ତି । ପକ୍ଷୀଙ୍କ ଗାଁ ଭାବରେ ମାନ୍ୟତା ପାଇଥିବା ଏହି ଗାଁ ହେଉଛି ଗୋବିନ୍ଦପୁର...**








ଚିଲିକାକୁ ପକ୍ଷୀଙ୍କ ଭୂ-ସ୍ୱର୍ଗ ବୋଲି ସାଧାରଣତଃ କୁହାଯାଏ । କାରଣ ବିଶେଷକରି ଚିଲିକାକୁ ବହୁସଂଖ୍ୟାରେ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ । ଆଉ ଏଠାରେ ପକ୍ଷୀଙ୍କ ସୁରକ୍ଷା ପାଇଁ ବି ବିଭିନ୍ନ ପଦକ୍ଷେପ ନିଆଯାଇଥାଏ । କିନ୍ତୁ ଚିଲିକା ବ୍ୟତୀତ ଓଡ଼ିଶାର ଆହୁରି ଏକ ସ୍ଥାନ ଅଛି, ଯେଉଁଠି ପକ୍ଷୀ ନିଜକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବିପାରିବେ । ଏହା ହେଉଛି ଗୋବିନ୍ଦ ପୁର ଗାଁ । ଯେଉଁ ଗାଁ ଲୋକ ପକ୍ଷୀଙ୍କ ସୁରକ୍ଷା ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ । ଏମିତିକି ନିଜ ଘରର ପ୍ରତ୍ୟେକ କାନ୍ଥକୁ ପକ୍ଷୀଙ୍କ ଚିତ୍ରରେ ସଜାଇଛନ୍ତି ।

ପକ୍ଷୀପ୍ରେମୀଙ୍କ ଗାଁ ଭାବରେ ଜଣାଶୁଣା ଗୋବିନ୍ଦପୁର ଗାଁ ହେଉଛି ବରଗଡ଼ ଜିଲାର ଅମ୍ବାଭନା ବ୍ଲକର ବୁଙ୍ଗାପାଲି ପଞ୍ଚାୟତ ଅନ୍ତର୍ଗତ ଏକ ଛୋଟ ଗାଁ । ଏହି ଗାଁର ଚାରିପଟକୁ ଘେରିଛି ମହାନଦୀର ଜଳଭଣ୍ଡାର ସହ ଘଞ୍ଚ ପାହାଡ଼ ଜଙ୍ଗଲ । ଲଖନପୁର ବନ୍ୟପ୍ରାଣୀ ରେଞ୍ଜ ଅଧୀନରେ ରହିଥିବା ଏହି ଗାଁଟି ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ । ବରଗଡ଼ ଜିଲା ଅମ୍ବାଭନା ବ୍ଲକ ଅନ୍ତର୍ଗତ ବୁଙ୍ଗାପାଲି ପଞ୍ଚାୟତ ଅଧିନରେ ଅଛି ଏହି ଗାଁ । ଏହାକୁ ଓଡ଼ିଶାର ପ୍ରଥମ ପକ୍ଷୀ ଗାଁ ଭାବେ ଘୋଷଣା କରାଯାଛି । ଲକ୍ଷ ଲକ୍ଷ ପକ୍ଷୀଙ୍କ ପାଇଁ ଏହି ଗାଁକୁ ପ୍ରଦୁଷଣମୁକ୍ତ କରାଯାଇଛି । ଗାଁର ପୂର୍ବଦିଗରେ ରାମଗଡ଼ ପାହାଡ଼, ଦକ୍ଷିଣରେ ଗର୍ଜନ ପାହାଡ଼ ଏବଂ ଉତ୍ତର-ପଶ୍ଚିମ ଦିଗରେ ହୀରାକୁଦ ଜଳଭଣ୍ଡାର ଅବସ୍ଥିତ । ଏହି ଗାଁଟି ମହାନଦୀ କୂଳରେ ଅବସ୍ଥିତ ଯୋଗୁ ଏହି ଅଞ୍ଚଳର ମାଟି ଖୁବ୍ ଉର୍ବର । ଏଠାରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହୁଏ । ଗୋବିନ୍ଦପୁର ଗ୍ରାମକୁ ପ୍ରବେଶ କରିବା ପୂର୍ବରୁ ପ୍ରଥମେ ଗର୍ଜନପାଟ ଦେବତାଙ୍କ ପୀଠ ପଡ଼ିବ । ଗାଁ ଭିତରକୁ ପ୍ରବେଶ କରୁକରୁ ନଜର ପଡ଼ିବ ସାହିର ପ୍ରାୟ ପ୍ରତ୍ୟେକଙ୍କ ଘର କାନ୍ଥରେ ଅଙ୍କିତ ହୋଇଥିବା ଦେଶବିଦେଶର ବିଭିନ୍ନ ପକ୍ଷୀଙ୍କ ଚିତ୍ର ସମେତ କେତେକ ବନ୍ୟପ୍ରାଣୀଙ୍କ ଚିତ୍ର ଓ ନାଁ । ଯାହାକୁ ବନ୍ୟପ୍ରାଣୀ ବିଭାଗ ତରଫରୁ ଗାଁରେ ଚିତ୍ରଣ କରାଯାଇଛି । ଏଥିଯୋଗୁ ଗାଁକୁ ଆସୁଥିବା ଅତିଥିମାନଙ୍କ ମନରେ ପକ୍ଷୀସୁରକ୍ଷା ପ୍ରତି ସ୍ୱତଃପ୍ରବୃତ୍ତ ଭାବେ ସଚେତନତା ସୃଷ୍ଟି ହୋଇଥାଏ । ଗାଁର ପ୍ରାକୃତିକ ପରିବେଶରେ ଘରଚଟିଆଠାରୁ ଆରମ୍ଭକରି ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଦେଖିବାକୁ ମିଳେ । ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ନାନାପ୍ରଜାତିର ପକ୍ଷୀଙ୍କ କଳରବର ଶୁଣିବା ସହ ନିକଟସ୍ଥ ଜଙ୍ଗଲରେ ଥିବା ମୟୂରଙ୍କ ମିଠାମିଠା ଡାକ ମନ ମୋହିନିଏ । ବର୍ଷର ଅନ୍ୟ ଦିନ ଅପେକ୍ଷା ବିଶେଷକରି ଶୀତ ଋତୁରେ ସାଇବେରିଆ, ରୁଷିଆ, ଚାଇନା, କାସ୍ପିଆନ ଆଦି ଦେଶର ଆସୁଥିବା ଅତିଥି ପକ୍ଷୀ ମହାନଦୀ ଜଳଭଣ୍ଡାର ସଂଲଗ୍ନ କୁଦରେ ବିଚରଣ କରିବା ସହିତ ଜଙ୍ଗଲରେ ବସାବାନ୍ଧି ରହିଥାନ୍ତି । ଏଠାର ଅନୁକୂଳ ପରିବେଶ, ଉପଯୁକ୍ତ ଜଳବାୟୁ, ଜୈବବିବିଧତା ଓ ନିରାପଦ ଯୋଗୁ ଏହି ଅଞ୍ଚଳଟି ରାମସାର ସାଇଟ୍‌ରେ ସ୍ଥାନ ପାଇଛି । ଫଳରେ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ ।

**ଗାଁଲୋକଙ୍କ ଜୀବିକା**- ୧୯୫୬ମସିହାରେ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଏହି ଗାଁ ଜଳ ସମାଧି ନେଇଗଲା । ଅନେକ ବାସିନ୍ଦା ନିଜର ସର୍ବସ୍ୱ ହରାଇ ବିଭିନ୍ନ ସ୍ଥାନକୁ ପଳାୟନ କଲେ । ଅଳ୍ପ କେତୋଟି ପରିବାର ଗାଁର ସ୍ମୃତିକୁ ସାଉଁଟି ଗାଁଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ଉଚ୍ଚ ସ୍ଥାନରେ ପୁଣି ଜୀବନଜୀବିକା ପାଇଁ ସଂଗ୍ରାମ ଆରମ୍ଭ କରିଥିଲେ । ସେମାନେ ଜଳଭଣ୍ଡାର ମଧ୍ୟରେ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ । ସକାଳୁ ଅପରାହ୍ନ ଯାଏ ମହାନଦୀ ଜଳଭଣ୍ଡାରରେ ସେମାନଙ୍କ ମାଛଧରା ଚାଲେ । ପର୍ଯ୍ୟାୟକ୍ରମେ ପିଢ଼ି ପରେ ପିଢ଼ି ମାଛଧରା କାର୍ଯ୍ୟରେ ମାହିର ହୋଇଗଲେ । ମହାନଦୀ ଜଳଭଣ୍ଡାରରେ ନିଜର ପ୍ରତିପୋଷଣ ପାଇଁ ମାଛ ଧରିବା ସେମାନଙ୍କ ଜୀବିକା ହୋଇଗଲା । ଏବେ ଗାଁର ପ୍ରାୟ ୬୦ଟି ପରିବାର । ଲୋକସଂଖ୍ୟା ୪ଶହ ଥିବା ବେଳେ ସମସ୍ତେ ମତ୍ସ୍ୟଜୀବୀ ଶ୍ରେଣୀର । ଜଳଭଣ୍ଡାରରେ ସେମାନେ ମାଛ ମାରି ଚଳୁଥିବାବେଳେ ଆଖପାଖ ଅଞ୍ଚଳର ହାତଗଣତି କେତେଜଣ ପକ୍ଷୀ ଶିକାରୀ ବିଭିନ୍ନ ସମୟରେ ପକ୍ଷୀ ଶିକାର କରୁଥିଲେ । ଏହି ପକ୍ଷୀ ଶିକାରକୁ ରୋକିବା ପାଇଁ ଗାଁ ଲୋକ ଚିନ୍ତା କଲେ ।

**ପକ୍ଷୀସୁରକ୍ଷା ଲାଗି ପଦକ୍ଷେପ**- ଏହି ଅଞ୍ଚଳରେ ପକ୍ଷୀଶିକାରକୁ ବନ୍ଦ କରିବା ପାଇଁ ସ୍ଥାନୀୟ ବନବିଭାଗର ଉଚ୍ଚସ୍ତରୀୟ ଅଧିକାରୀମାନେ ୨୦୨୦ମସିହାରେ ଗ୍ରାମବାସୀଙ୍କୁ ବିଶ୍ୱାସରେ ନେଇ ଅନେକ ସଚେତନତା ଅଭିଯାନ କରି ସଫଳତା ପାଇଥିଲେ । ଗ୍ରାମବାସୀଙ୍କ ତରଫରୁ ପକ୍ଷୀମାନଙ୍କ ସୁରକ୍ଷା ଲାଗି ଗ୍ରାମରେ ସଭା କରାଗଲା । ସେମାନେ ସଚେତନ ହେଲେ । ପକ୍ଷୀ ସୁରକ୍ଷା ପାଇଁ ଜନସଚେତନତା ଯୋଗୁ ଏହି ଅଞ୍ଚଳରେ କେହି ବ୍ୟକ୍ତି ପକ୍ଷୀ ଶିକାର କରିବାକୁ ଆଉ ସାହସ କଲେ ନାହିଁ । ଗ୍ରାମ୍ୟପର୍ଯ୍ୟଟନ ବିକାଶ ଏବଂ ଜଙ୍ଗଲ ସୁରକ୍ଷା ଉଦ୍ଦେଶ୍ୟରେ ଗାଁରେ ଏକ କମିଟି ଗଠନ କରାଗଲା । ଯେଉଁଥିରେ କି ଗାଁର ପ୍ରତ୍ୟେକ ପରିବାରର ବ୍ୟକ୍ତିମାନେ ଏଥିରେ ସଦସ୍ୟ ଭାବେ ସାମିଲ ହେଲେ । ସ୍ଥାନୀୟ ଗ୍ରାମବାସୀ ମାଛ ଧରିବା ପାଇଁ ପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ କେବଳ ଦିନରେ ଜାଲବିଛେଇ ମାଛ ଧରନ୍ତି । ଏମିତିରେ ଗ୍ରାମବାସୀଙ୍କ ନିରନ୍ତର ପକ୍ଷୀ ସୁରକ୍ଷା ଅଭିଯାନର ପ୍ରଭାବରେ ଆଖପାଖ ଗାଁର କୌଣସି ବ୍ୟକ୍ତି ଏହି ଅଞ୍ଚଳରୁ ପକ୍ଷୀ ଶିକାର କରିବାକୁ ସାହସ କଲେ ନାହିଁ । ବରଂ ଆଖପାଖ ଗ୍ରାମରେ ପକ୍ଷୀ ସୁରକ୍ଷାର ବାର୍ତ୍ତା ଯୋଗୁ ସେମାନେ ମଧ୍ୟ ପକ୍ଷୀସୁରକ୍ଷା ପାଇଁ ମନବଳାଇଲେ । ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ତରଫରୁ ପକ୍ଷୀସୁରକ୍ଷା ଲାଗି ଡଙ୍ଗାରେ ରାତି ଓ ଦିନରେ ପାଟ୍ରୋଲିଂ ବ୍ୟବସ୍ଥା କରାଗଲା । ଏଥିରେ ବନ୍ୟକର୍ମଚାରୀ ପହରା ଦେଉଥିବାବେଳେ ପକ୍ଷୀ ସୁରକ୍ଷା ସମିତିର ସଦସ୍ୟମାନେ ସହଯୋଗ କରିଥାନ୍ତି । ପ୍ରତି ୨ବର୍ଷରେ ଥରେ ପକ୍ଷୀସୁରକ୍ଷା

→









ସମିତିର ସଭାପତିଙ୍କୁ ସଦସ୍ୟମାନଙ୍କ ଦ୍ୱାରା ଚୟନ କରାଯାଇଥାଏ। ପକ୍ଷୀସୁରକ୍ଷା ସମିତିର ସମ୍ପାଦକ ବୁଦ୍ଧଦେବ ପାତ୍ର କୁହନ୍ତି, ପକ୍ଷୀଗ୍ରାମ ମାନ୍ୟତା ପ୍ରଦାନ ପରେ ସମସ୍ତ ଗ୍ରାମବାସୀ ଆଗନ୍ତୁକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଗ୍ରାମୀଣ ପରିବେଶକୁ ସଫାସୁତରା ରଖିବା ସହ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରୁଛନ୍ତି । ପ୍ରକୃତିର ସୁରକ୍ଷା ଦିଗରେ ସଚେତନତାର ବାର୍ତ୍ତା ଦେଉଛି ଏହି ଛୋଟିଆ ଗାଁ। ପକ୍ଷୀ ସୁରକ୍ଷା ସହିତ ପର୍ଯ୍ୟଟନସ୍ଥଳୀ ନିର୍ମାଣ ଓ ସ୍ଥାନୀୟ ଲୋକଙ୍କ ରୋଜଗାର ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ୨୦୨୩ ମସିହାରେ ଏହି ଗାଁକୁ ପକ୍ଷୀଗ୍ରାମର ମାନ୍ୟତା ମିଳିବା ପରେ ଏହି ଅଖ୍ୟାତ ଗାଁଟି ଏବେ ପକ୍ଷୀପ୍ରେମୀଙ୍କ ଗ୍ରାମ ଭାବେ ସୁପରିଚିତ ।

**ପକ୍ଷୀଙ୍କ ପାଇଁ ଆସୁଛନ୍ତି ପର୍ଯ୍ୟଟକ–** ଲୋକଙ୍କ ସଚେତନତା ଯୋଗୁ ପକ୍ଷୀସୁରକ୍ଷା ସହିତ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ବନ୍ୟ ଜୀବଜନ୍ତୁଙ୍କୁ କୌଣସି କ୍ଷତି ନ ପହଞ୍ଚାଇବା ପାଇଁ ଗାଁଲୋକେ ସୁରକ୍ଷା ଦେଉଛନ୍ତି। ସେମାନେ ପକ୍ଷୀ ଶିକାର କରନ୍ତି ନାହିଁ ନା କାହାକୁ କରିବାକୁ ଦିଅନ୍ତି ନାହିଁ। ଗାଁରେ ଇକୋ ଟୁରିଜମକୁ ଗୁରୁତ୍ୱ ଦେଇ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଅନେକ ପ୍ରକଳ୍ପ ନିର୍ମାଣ କରାଯାଇଛି। ବନ ବିଭାଗ ପକ୍ଷରୁ ୨୦୨୩ ମସିହାରେ ପର୍ଯ୍ୟଟନ ବିକାଶ ପାଇଁ ଏକ ସୁନ୍ଦର କ୍ୟାଣ୍ଟିନ୍ ନିର୍ମାଣ କରାଯାଇଛି। ଯେଉଁଠାରେ ଜଳଖିଆଠାରୁ ଆରମ୍ଭ କରି ଆମିଷ, ନିରାମିଷ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ବଣଭୋଜି ପାଇଁ ଏକ ପାର୍କ ନିର୍ମାଣ ହୋଇଛି । ଯାହାକି ଜଳଭଣ୍ଡାର ପାର୍ଶ୍ୱରେ ଏକ ସୁନ୍ଦର ବାଉଁଶବଣ ମଧ୍ୟରେ ଶାନ୍ତ ବାତାବରଣ ସହିତ ସ୍ୱଚ୍ଛ ପରିବେଶ ମଧ୍ୟରେ ରହିଛି। ଏଠାରେ ଟ୍ୟାପ୍ ଯୋଗେ ପାଣି ଯୋଗାଇବା ସହ ପର୍ଯ୍ୟଟକମାନଙ୍କ ରୋଷେଇ ପାଇଁ ସ୍ଥାନୀୟ ଜଙ୍ଗଲରୁ ଗ୍ରାମବାସୀ ଶୁଖିଲା କାଠ ଯୋଗାଇ କିଛି ଆୟ କରିଥାନ୍ତି। ଶୀତଋତୁରେ ବଣଭୋଜି ସହିତ ପକ୍ଷୀପ୍ରେମୀଙ୍କ ପ୍ରବଳ ଭିଡ଼ ଯୋଗୁ ଗ୍ରାମ୍ୟ ଇକୋ କମିଟି ପକ୍ଷରୁ ପ୍ରବେଶ ଶୁଳ୍କ ମୁଣ୍ଡପିଛା ୫ ଟଙ୍କା, ଜଳଭଣ୍ଡାର ମଧ୍ୟରେ ପର୍ଯ୍ୟଟକଙ୍କୁ ଡଙ୍ଗା, ବୋଟ୍ ମାଧ୍ୟମରେ ଭ୍ରମଣ କରିବା ପାଇଁ ମୁଣ୍ଡ ପିଛା ୫୦ ଟଙ୍କା, ଚାରି ଚକିଆ ଗାଡ଼ି ରଖିବା ପାଇଁ ୫୦ ଟଙ୍କା ସଂଗ୍ରହ କରାଯାଉଛି। ସଂଗୃହୀତ ଅର୍ଥ ସ୍ୱଚ୍ଛତା, ବିଶୁଦ୍ଧ ପାନୀୟ ଜଳଯୋଗାଣ ଆଦିରେ ବିନିଯୋଗ ହୋଇଥାଏ।

ବନସୁରକ୍ଷା ସମିତି ପକ୍ଷୀଗ୍ରାମ ଗୋବିନ୍ଦପୁର ସଭାପତି ଯୋଗେଶ୍ୱର ନାଏକ କୁହନ୍ତି, 'ଏକ ଅଖ୍ୟାତ ପଲ୍ଲୀ ଏବେ ପକ୍ଷୀଗ୍ରାମର ମାନ୍ୟତା ପାଇଛି। ଏହା କେବଳ ଗ୍ରାମବାସୀଙ୍କ ଏକତା ସହିତ ପ୍ରକୃତି ପ୍ରୀତି ଓ ପକ୍ଷୀମାନଙ୍କ ସୁରକ୍ଷା ଦିଗରେ ଦୀର୍ଘଦିନର ପ୍ରୟାସ ଯୋଗୁ ସମ୍ଭବ ହୋଇଛି। ପର୍ଯ୍ୟଟକମାନଙ୍କ ଜାଣିବା ପାଇଁ ପ୍ରତ୍ୟେକ ଘର କାନ୍ଥରେ ବିଭିନ୍ନ ପ୍ରଜାତିର ପକ୍ଷୀ ଚିତ୍ର ସହିତ ସ୍ଥାନୀୟ ଭାଷାରେ ସେହି ପକ୍ଷୀଙ୍କ ନାଁ ଲେଖାଯାଇଛି। ଗାଁର ଲୋକମାନେ ସନ୍ଧ୍ୟାରେ ଏକାଠି ହୁଅନ୍ତି। ଗାଁରେ ସଭା ବସେ। ପକ୍ଷୀ ସୁରକ୍ଷା, ପର୍ଯ୍ୟଟକଙ୍କ ଆତିଥ୍ୟ, ସୁରକ୍ଷା, ଶୃଙ୍ଖଳା ଓ ଗୋବିନ୍ଦପୁର ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟ ସୁରକ୍ଷା ଆଦି ସମ୍ପର୍କରେ ଆଲୋଚନା କରାଯାଇଥାଏ। ଏଥିଯୋଗୁ ଗାଁ ସୁନାମ ଅର୍ଜନ କରିଛି।

**ପକ୍ଷୀ ଆସନ୍ତି, କିଛି ମାସ ପରେ ଫେରିଯା'ନ୍ତି–**

ଗାଁଲୋକଙ୍କ ସୂଚନା ଅନୁଯାୟୀ ପ୍ରାୟ ଅକ୍ଟୋବର ମାସରୁ ପାଖାପାଖି ୧୨୫ ପ୍ରଜାତିର ବହୁସଂଖ୍ୟକ ପକ୍ଷୀଙ୍କ ଆଗମନ ହୋଇଥାଏ। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନଙ୍କ ସୂଚନାରୁ ଜଣାପଡ଼େ ୨୦୨୪–୨୫ ପକ୍ଷୀଗଣନା ଅନୁଯାୟୀ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀ ଏହି ଜଳଭଣ୍ଡାରରେ ଦୃଷ୍ଟିଗୋଚର ହୋଇଛନ୍ତି। ଏହି ଅଞ୍ଚଳକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ଅନେକ ପକ୍ଷୀ ପ୍ରାୟ ୬ମାସ ପରେ ନିଜନିଜ ଦେଶକୁ ଫେରିଯା'ନ୍ତି। ପ୍ରତିବର୍ଷ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ତରଫରୁ ସମ୍ବଲପୁର ଝାରସୁଗୁଡ଼ା ଓ ବରଗଡ଼ ଡିଭିଜନକୁ ନେଇ ଗଠନ ହୋଇଥିବା ପକ୍ଷୀଗଣନାକାରୀ ଦଳଙ୍କ ଦ୍ୱାରା ପକ୍ଷୀ ଗଣନା ହୋଇଥାଏ। ହୀରାକୁଦ ଜଳଭଣ୍ଡାରଠାରୁ ମହାନଦୀର ଛତିଶଗଡ଼ ସୀମା ପର୍ଯ୍ୟନ୍ତ ପକ୍ଷୀ ଗଣନାକାରୀ ଦଳ ନିୟୋଜିତ ହୋଇଥାନ୍ତି।

**ଜଳଭଣ୍ଡାରରେ ମନ୍ଦିର ସ୍ମୃତି ବହନ କରିଛି–** ଗାଁ ଠାରୁ ପ୍ରାୟ ଅଧ କିଲୋମିଟର ଦୂରତାରେ ଗୋବିନ୍ଦପୁର ଗାଁର ସାକ୍ଷୀ ସଦୃଶ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ରହିଛି। ଏହି ସ୍ଥାନ ପ୍ରତି ସମସ୍ତଙ୍କର ପ୍ରାୟ ନଜର ପଡ଼ିଥାଏ। ପର୍ଯ୍ୟଟକମାନଙ୍କୁ ଏହା ସହ ଜଳଭଣ୍ଡାର ପାର୍ଶ୍ୱରେ ଥିବା ବଣଜଙ୍ଗଲକୁ ପାଖରୁ ଦେଖିବା ପାଇଁ ସ୍ଥାନୀୟ ବନ ବିଭାଗ ପକ୍ଷରୁ ତିନିଗୋଟି ବୋଟ୍ ପ୍ରଦାନ କରାଯାଇଛି। ଜଣ ପ୍ରତି ୫୦ଟଙ୍କା ଲେଖାଏ ସଂଗ୍ରହ କରି ସୁରକ୍ଷିତ ଜଳବିହାର କରାଯାଏ। ବିଶେଷକରି କ୍ୟାଣ୍ଟିନ୍‌ର ସୁବିଧା ନେବା ପାଇଁ ଆଗୁଆ କମିଟି ପକ୍ଷରୁ ଯୋଗାଯୋଗ କରିବାକୁ କୁହାଯାଇଛି।

**ନାଗପୂଜା ଓ ମହାନଦୀ ଆଳତି–** ବଣ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଗାଁଟିର ନାଗ ଦେବତାଙ୍କ କୃପାରୁ କୌଣସି କ୍ଷତି ହୁଏନାହିଁ। ସେଥିପାଇଁ ଗ୍ରାମବାସୀ କେବେ ସାପର କ୍ଷତି କରନ୍ତି ନାହିଁ। ଶ୍ରାବଣ ଅମାବାସ୍ୟାରେ ଏକ ପୂଜା ହୁଏ, ଯାହାକୁ ସ୍ଥାନୀୟ ଭାଷାରେ 'ହରିୟାଲି ତିହାର' କୁହାଯାଏ। ଏହା ସହିତ ଗାଁର ମୁଖ୍ୟ ପୂଜା ହେଉଛି ବଡ଼ପୂଜା, ଯାହା କି ମାର୍ଗଶିର ମାସ ଚତୁର୍ଦ୍ଦଶୀ ତିଥିରେ ହୁଏ । ଯେଉଁଥିରେ ଶିବ ପାର୍ବତୀଙ୍କ ସହିତ ନାଗ ଦେବତାକୁ ପୂଜା କରାଯାଏ । ଏହାକୁ ସ୍ଥାନୀୟ ଭାଷାରେ ନାଗବାଚା ପୂଜା କୁହାଯାଏ। ଏହି ଅଞ୍ଚଳର ଲୋକମାନଙ୍କ ଜୀବନଜୀବିକା ମହାନଦୀ ପାଇଁ ଚାଲୁଛି। ପ୍ରତ୍ୟେକ ମାସର ଏକାଦଶୀ ତିଥିରେ ଗ୍ରାମବାସୀଙ୍କ ଦ୍ୱାରା ସନ୍ଧ୍ୟା ଆଳତି କରାଯାଇଥାଏ। ବିଧିବଦ୍ଧଭାବେ ଏହି ପରମ୍ପରା ୨୦୨୩ରୁ ଚାଲିଛି । ସେହିପରି କାର୍ତ୍ତିକ ମାସ ପୂର୍ଣ୍ଣିମା ଦିନ ଏଠାରେ ମହାସମାରୋହରେ ମେଳା ଅନୁଷ୍ଠିତ ହୋଇଥାଏ। ବହୁ ଭକ୍ତଙ୍କ ସମାଗମ ହୋଇଥାଏ। କୀର୍ତ୍ତନ, ଭାଗବତ ପାଠ, ନାଗବାଚା ପୂଜା, ବଡ଼ ପର୍ବ ନୂଆଁଖାଇ ପାଳନ ସହ ଅନେକ ପର୍ବପର୍ବାଣିକୁ ଏକତ୍ରିତ ହୋଇ ପାଳନ କରିଥାନ୍ତି। ବାର ମାସରେ ତେର ପର୍ବ ପାଳନ କରୁଥିବା ଏହି ଗ୍ରାମବାସୀ ବିଭିନ୍ନ ସମୟରେ ପକ୍ଷୀ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାପ୍ରତି ସଚେତନ ରହିଛନ୍ତି।

**– ଗୌତମ ସାହୁ, ବନବିହାରୀ ବେହେରା**





# ଟ୍ରେଣ୍ଡି ଶାଢ଼ି ବେଲ୍ଟ





**ଶାଢ଼ିକୁ ଆକର୍ଷଣୀୟ ଲୁକ୍ ଦେଇଥାଏ ଶାଢ଼ି ବେଲ୍ଟ। ଏହା ଶାଢ଼ିର ପ୍ଲିଟ୍ସ ଓ କାନିକୁ ବ୍ୟବସ୍ଥିତ କରି ରଖେ ; ଯଦ୍ୱାରା ଏହାକୁ ପିନ୍ଧିଲେ ଆକର୍ଷଣୀୟ ଶାଢ଼ି ଲୁକ୍ ମିଳେ...**

**ଶା**ଢ଼ି ବେଲ୍ଟକୁ କେହି କେହି କମରବନ୍ଧ ବୋଲି ବି କହିଥାନ୍ତି। ଏହାକୁ ସାଧାରଣତଃ ଅଣ୍ଟାରେ ଶାଢ଼ି ଉପରେ ହିଁ ପିନ୍ଧାଯାଇଥାଏ ; ଯଦ୍ୱାରା ଶାଢ଼ିର ପ୍ଲିଟ୍ସ ଓ କାନି ବ୍ୟବସ୍ଥିତ ଭାବେ ରହି ଶାଢ଼ିକୁ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଶାଢ଼ି ବେଲ୍ଟର ବି ବିଭିନ୍ନ ଭେରାଇଟି ରହିଛି। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ଶାଢ଼ି ବେଲ୍ଟ ସମ୍ପର୍କରେ...

❊ **ଗୋଲ୍ଡେନ୍ ଟେମ୍ପଲ ଡିଜାଇନ୍ ଶାଢ଼ି ବେଲ୍ଟ:** ଟେମ୍ପଲ ଜୁଏଲେରୀ ଦେଖିବାକୁ ଯେମିତି ଆକର୍ଷକ ଲାଗେ ପିନ୍ଧିଲେ ବି ସେମିତି ରୟାଲ୍ ଲୁକ୍ ମିଳେ। ଏହି ଟାଇପ୍‌ର ଶାଢ଼ି ବେଲ୍ଟକୁ ପର୍ବପର୍ବାଣୀ ଅବା ବାହାଘର ଫଙ୍କସନ୍‌ରେ ପ୍ଲେନ୍ ସିଲ୍କ, ବନାରସୀ ଅବା କାଞ୍ଜିବରମ୍ ଶାଢ଼ି ସାଙ୍ଗେ ପିନ୍ଧିଲେ ଝିଅବୋହୂଙ୍କୁ ଆକର୍ଷଣୀୟ ଲୁକ୍ ମିଳିଥାଏ। ଲୁକ୍ ଆହୁରି ପରଫେକ୍ଟ ଲାଗେ, ଯଦି ଶାଢ଼ି ବେଲ୍ଟକୁ ମ୍ୟାଚିଂ କରି ଟେମ୍ପଲ ଜୁଏଲେରୀ ପିନ୍ଧାଯାଏ।

❊ **ସେକ୍ୱିନ ୱାର୍କ ଶାଢ଼ି ବେଲ୍ଟ:** ଯଦି କୌଣସି ପ୍ଲେନ୍ ସିଫନ୍ ଶାଢ଼ିର ବର୍ଡରରେ ସେକ୍ୱିନ ୱାର୍କ ହୋଇଥାଏ, ତା'ହେଲେ ସେହି ଶାଢ଼ିର ବର୍ଡରକୁ ମ୍ୟାଚିଂ କରି ଟିକେ ଚଉଡ଼ା ଷ୍ଟାଇଲ୍‌ର ସେକ୍ୱିନ୍ ଶାଢ଼ି ବେଲ୍ଟ ଅଣ୍ଟାରେ ପିନ୍ଧିଲେ ଭିନ୍ନ ଲୁକ୍ ମିଳିଥାଏ। ଏମିତି ଷ୍ଟାଇଲ୍ କରି କିଟି ପାର୍ଟି ହେଉ କି ଅନ୍ୟ କୌଣସି ଫଙ୍କସନ୍‌କୁ ଗଲେ ଷ୍ଟାଇଲିଶ୍ ଲୁକ୍ ମିଳେ। ବିଶେଷକରି ୟଙ୍ଗ୍ ଗର୍ଲଙ୍କୁ ଏହି ଲୁକ୍ ପରଫେକ୍ଟ ମ୍ୟାଚ୍ କରିଥାଏ।

❊ **ସିମ୍ପଲ ଗୋଲ୍ଡେନ୍ ଶାଢ଼ି ବେଲ୍ଟ:** ସିମ୍ପଲ ଡିଜାଇନ୍‌ର ଗୋଲ୍ଡେନ୍ ଶାଢ଼ି ବେଲ୍ଟ ବି ଶାଢ଼ି ଲୁକ୍‌କୁ ଆକର୍ଷଣୀୟ କରିଦିଏ। ହାଲ୍‌କା ଫାବ୍ରିକ୍‌ର ଶାଢ଼ି ସାଙ୍ଗକୁ ଏହି ଟାଇପ୍‌ର ବେଲ୍ଟ ପରଫେକ୍ଟ ମ୍ୟାଚ୍ କରେ। ଏବେ ବିଭିନ୍ନ ଭେରାଇଟିର ଆର୍ଟିଫିସିଆଲ୍ ଗୋଲ୍ଡେନ୍ କଲର୍ ଶାଢ଼ି ବେଲ୍ଟ ବି ମାର୍କେଟ୍‌ରେ ମିଳୁଛି। ତେବେ ବଜେଟ୍‌କୁ ସୁହାଇଲା ଭଳି ଆଉ ଶାଢ଼ିକୁ ମ୍ୟାଚ୍ କଲା ଭଳି ସୁନ୍ଦର ଡିଜାଇନ୍‌ର ଗୋଲ୍ଡେନ ଶାଢ଼ି ବେଲ୍ଟ କିଣି ନିଜକୁ ଆଉ ନିଜ ଶାଢ଼ିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ।

❊ **ମୋତିର ଶାଢ଼ି ବେଲ୍ଟ:** ଉଭୟ ପ୍ଲେନ୍ ହେଉ କି ହେଭି ଶାଢ଼ି ସାଙ୍ଗକୁ ମୋତି ଲାଗିଥିବା ଶାଢ଼ି ବେଲ୍ଟ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳିଥାଏ। ଏହି ଲୁକ୍ ଆହୁରି ଆକର୍ଷଣୀୟ ଲାଗେ, ଯଦି ମ୍ୟାଚିଂ ମୋତିର ଜୁଏଲେରୀକୁ ବେକ ଆଉ କାନରେ ପିନ୍ଧାଯାଏ।

❊ **ଫ୍ଲୋରାଲ୍ ଶାଢ଼ି ବେଲ୍ଟ:** ପ୍ଲେନ୍ ହେଉ ଅବା ସିମର୍ ଶାଢ଼ି ସାଙ୍ଗକୁ ଫ୍ଲୋରାଲ୍ ଡିଜାଇନ୍‌ର ଶାଢ଼ି ବେଲ୍ଟ ଖୁବ୍ ସୁନ୍ଦର ମାନିଥାଏ। ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ସାଙ୍ଗେ ବି ଏହି ବେଲ୍ଟକୁ ମ୍ୟାଚିଂ କରି ପିନ୍ଧିହୁଏ। ବିଶେଷକରି ଝିଅମାନଙ୍କୁ ଏହି ଶାଢ଼ି ଆକର୍ଷଣୀୟ ଲାଗିଥାଏ।

❊ **ମୋନୋକ୍ରୋମ୍ ଶାଢ଼ି ବେଲ୍ଟ:** ଏହି ଟାଇପ୍‌ର ବେଲ୍ଟ କ୍ଲାସିକ୍ ଲୁକ୍ ଦେଇଥାଏ। ବିଶେଷକରି ମ୍ୟାଚିଂ ଶାଢ଼ି ଓ ବ୍ଲାଉଜ୍ ସାଙ୍ଗକୁ ଏହା ପରଫେକ୍ଟ ମ୍ୟାଚ୍ କରିଥାଏ।

❊ **ଷ୍ଟେଟ୍‌ମେଣ୍ଟ ବ୍ରାଇଡାଲ୍ ଶାଢ଼ି ବେଲ୍ଟ:** ଝିଅମାନଙ୍କର ଆକର୍ଷଣୀୟ ବ୍ରାଇଡାଲ୍ ଲୁକ୍ ପାଇଁ ଏହି ଟାଇପ୍‌ର ବେଲ୍ଟ ବେଷ୍ଟ ଅପ୍ସନ ହୋଇଥାଏ। ଏହାର ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍ ବି ମିଳେ। ନିଜ ବ୍ରାଇଡାଲ୍ ଆଉଟ୍‌ଫିଟ୍‌କୁ ମ୍ୟାଚିଂ କଲାଭଳି ଷ୍ଟେଟ୍‌ମେଣ୍ଟ ଶାଢ଼ି ବେଲ୍ଟ କିଣି ପିନ୍ଧିବା ଝିଅମାନଙ୍କ ପକ୍ଷେ ଏକ ଉତ୍ତମ ବିକଳ୍ପ ହୋଇପାରେ।








# ପରିବେଶ ମୋ ପ୍ରେରଣା



ବୟସର ଅପରାହ୍ଣରେ ଥକି ପଡ଼ିନାହାନ୍ତି ସେ । ତାଙ୍କ ମନରେ ରହିଛି ଆଗକୁ ମାଡ଼ିଚାଲିବାର ଅଦମ୍ୟ ସାହସ । ପରିବେଶ ସୁରକ୍ଷା ହେଉ କି ଗପ,କବିତା ଲେଖିବା, ନିଜସ୍ୱ ଉଦ୍ୟମରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ବିଭିନ୍ନ ଉପାଦେୟ ପୁସ୍ତକ ବଣ୍ଟନକରିବାଠାରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ ଓ ଓଡ଼ିଆଭାଷା ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଆନନ୍ଦ ପାଆନ୍ତି । ଏକଧାରାରେ ସେ ଜଣେ ଶିକ୍ଷାବିତ୍, ସାହିତ୍ୟିକ ଓ ପ୍ରକୃତିପ୍ରେମୀ । ତାଙ୍କର ବହୁମୁଖୀ ପ୍ରତିଭାକୁ ମିଳିଛି ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ, ପ୍ରକୃତିବନ୍ଧୁ ପୁରସ୍କାର ସମେତ ଏକାଧିକ ପୁରସ୍କାର । ସେ ହେଲେ ଅବସରପ୍ରାପ୍ତ ଶିକ୍ଷକ **ରାଜକିଶୋର ପାଣିଗ୍ରାହୀ** । ମାତା ରୂପାଦେବୀ, ପିତା ବ୍ରଜବନ୍ଧୁ ପାଣିଗ୍ରାହୀ । ଘର ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ୍ ଅଧୀନ କଣ୍ଟାବାଡ଼ ଗ୍ରାମପଞ୍ଚାୟତର କଣ୍ଟାବାଡ଼ ଗାଁରେ । ସେ କୁହନ୍ତି, ‘‘ମୋତେ ଯେତେବେଳେ ୧୦ମାସ ହୋଇଥିଲା, ସେତେବେଳେ ମୋ ନନା(ବାପା)ଙ୍କ ମୃତ୍ୟୁ ହୋଇଥିଲା । ତା’ ପରେ ଆମର ଯୌଥ ପରିବାରରେ ମୋ ମା’ ମୋତେ ବହୁ ଅଭାବ ଅସୁବିଧାରେ ଲାଳନପାଳନ କଲେ । ଗାଁରେ ଥିବା ପ୍ରାଥମିକ ଓ ମାଧ୍ୟମିକ ସ୍କୁଲରେ ପଢ଼ିଲି । ହେଲେ ଦିନକୁ ଦିନ ଘର ଚଳିବାରେ ଘୋର ଅଭାବ ଅସୁବିଧା ହେବାରୁ ମାମୁଘରେ ରହି ପାଠ ପଢ଼ିଲି । ୧୯୬୬ ମସିହାରେ ଗଡ଼ତରା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କଲି । କଟକରେ ସି.ଟି. ତାଲିମ ନେଲି । ୧୯୭୪ ମସିହାରେ ଚନ୍ଦକା ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକଭାବେ ନିଯୁକ୍ତି ପାଇଲି । ସେହି ସମୟ ମଧ୍ୟରେ ଘରୋଇ ଭାବେ ବି.ଏ.ବି.ଏଡ୍. କଲି । ଏହାପରେ ମୋର ବିବାହ ହୋଇଗଲା । ପୂର୍ବରୁ ଚନ୍ଦକା ଅଞ୍ଚଳରେ ଚାକିରି କରିଥିଲି । ମାତ୍ର ସେଠାରୁ ବେଗୁନିଆ ବ୍ଲକ୍‌ର ଏକ ସ୍କୁଲକୁ ମୋର ବଦଳିହେଲା । ଏଠାରେ ରହୁଥିବା ବେଳେ ଗାଁରେ ହେଉଥିବା ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଆଦି କାର୍ଯ୍ୟକ୍ରମରେ ଯୋଗଦେଲି । ବିଶେଷକରି ବର୍ଷାଋତୁରେ ବିଭିନ୍ନ ପଡ଼ିଆଜାଗା, ସ୍କୁଲହତା ଓ ରାସ୍ତାକଡ଼ରେ ବୃକ୍ଷରୋପଣ କଲି । । ସଙ୍ଗୀତ କାର୍ଯ୍ୟ ପ୍ରତି ମନରେ ଦୁର୍ବଳତା ଥିବାରୁ ଏକାଧିକ ଭଜନ ଓ ଗୀତ ଲେଖିଲି । ଏଥିଯୋଗୁ ଅନ୍ୟମାନଙ୍କଠାରୁ ବହୁ ପ୍ରଶଂସା ପାଇଲି ; ଯାହା ମୋତେ ଆଗକୁ ଯିବାର ପ୍ରେରଣା ଦେଲା । ୨୦୦୧ରୁ ଅଧିକ ମାତ୍ରାରେ ଲେଖିବା ଅଭ୍ୟାସ ଜାରି ରଖିଲି । ସମାଜରେ ସଚେତନତା ଆଣିବା ଲକ୍ଷ୍ୟନେଇ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କାମ କଲି । ଏ ଭିତରେ ମୁଁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭକ୍ତି ସଙ୍ଗୀତ ଆଦିକୁ ନେଇ ଗୀତ ବି ଲେଖୁଥାଏ । ସମୟକ୍ରମେ ଲେଖିଥିବା ଗୀତ, ଭଜନ, ନାଟକ ଓ ଗପ ଆଦିକୁ ନେଇ ମୋର ପୁସ୍ତକ ପ୍ରକାଶିତ ହେଲା । ସେଥି ମଧ୍ୟରେ – ‘ଆସ ଆମେ ପଢ଼ିବା, ଶପଥନେବା’– ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କ୍ଷୁଦ୍ର ନାଟକ, ‘ଆସ ଆମେ ଜାଣିବା ଏଡ୍‌ସକୁ ତଡ଼ିବା’, ଝୁଲାମୁଣି, ଝିଅ ନୁହେଁ ପୁଅ, ସ୍ୱାସ୍ଥ୍ୟ ସଙ୍ଗୀତ, ପରିବେଶ ଚିନ୍ତା, ମିଠାକଥା, ଟିକିଟିକି ଫୁଲ, ଭକ୍ତି ପୁଷ୍ପ, ମୁଁ ଗଛ କହୁଛି, ବଉଳା ଲେଖିଛି ପତର, ଓଲଟପାଲଟ, ପାହାଡ଼ ଆଖିରେ ଲୁହ, ଜୀବନ୍ତ ଦେବତା, ସିଏ ପରା ମୋ ଶ୍ରୀମତୀ,ସେପରା ଶ୍ରୀଜଗନ୍ନାଥ, ପାରିକର ଜଗନ୍ନାଥ, ଅନନ୍ୟ ଶ୍ରୀଜଗନ୍ନାଥ, ବେଙ୍ଗ କହେ ବେଙ୍ଗୁଲୀ ଲୋ.., ପ୍ରେମର ଠିକଣା, ପ୍ରେମ, ପ୍ରୀତି ଦୀପାଳି, ଧନ୍ୟଧନ୍ୟ ସୁଦର୍ଶନ, ଜୟ ଜଗନ୍ନାଥ, ଶିଶୁ ହସିଲେ, ପ୍ରୀତି ପସରା, ପଢ଼ନ୍ତୁ ଆଦି ପ୍ରାୟ ୩୫ ଖଣ୍ଡ ପୁସ୍ତକ ରଚନା କରି ସାରିଛି । ୩୦ରୁ ଉର୍ଦ୍ଧ୍ୱ ସ୍ମରଣିକାର ସମ୍ପାଦନା କରିସାରିଛି ।’’








ସେ ରଚନା କରିଥିବା ଶତାଧିକ କବିତା ଓ ଗପ ଓଡ଼ିଶାରୁ ପ୍ରକାଶିତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ୨୦୦୮ରେ ତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି । ଲେଖାଲେଖି ,ବୃକ୍ଷରୋପଣ, ପୁସ୍ତକ ବଣ୍ଟନ ତାଙ୍କ ପାଇଁ ନିଶା ପାଲଟିଛି । ହେଲେ ଶିକ୍ଷକତା ହେଉଛି ତାଙ୍କ ପେସା ।

ସେ କୁହନ୍ତି, ‘‘ଅନେକେ ମୋତେ ପୁସ୍ତକ ମଣିଷ ବୋଲି ଡାକନ୍ତି । ଶିକ୍ଷକତା ସମୟରେ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ୨୦୦୫ମସିହାରେ ଜିଲାରେ ଶ୍ରେଷ୍ଠ ଶିକ୍ଷକଭାବେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲି । ୨୦୦୬ ମସିହାରୁ ଶିକ୍ଷକତା ଚାକିରିରୁ ଅବସର ନେଇ ସାରିଛି, ହେଲେ ଗପ,କବିତା, ଭଜନ ଆଦି ଲେଖାଲେଖି ଚାଲୁରହିଛି । ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ପୁସ୍ତକ ବଣ୍ଟନ କାର୍ଯ୍ୟ କରିଥାଏ । ଦୀର୍ଘ ୩ଦଶନ୍ଧି ଧରି ସୃଜନଶୀଳତା କ୍ଷେତ୍ରରେ କାର୍ଯ୍ୟକରୁଥିବାରୁ ମୋ ମନ ସର୍ବଦା ଖୁସି ରୁହେ । ‘ପଢ଼ିଲେ ଜାଣିବ, ଜାଣିଲେ ଜିଣିବ’ ଏହି ବାଣୀକୁ ଆଧାର କରି ପଢ଼ିବା ଓ ଲେଖିବା ଅଭ୍ୟାସ ରହିଛି । ନିଶାସେବନ ବନ୍ଦ କରିବା ପାଇଁ ଜନ ସଚେତନତା କରିଥାଏ । ମୋ ମତରେ, ସୁସ୍ଥ ଓ ନୀରୋଗ ଜୀବନ ଯାପନ ପାଇଁ ସର୍ବଦା ଈଶ୍ୱର ଭକ୍ତି, ସ୍ୱଳ୍ପ ଆହାର, ସରଳ ଜୀବନଯାପନ, ମୁକ୍ତ ପରିବେଶରେ ଚଲାବୁଲା ଓ ପରିଶ୍ରମ ଜରୁରୀ । ଗାଁର ପରିବେଶ ମୋତେ ଲେଖାଲେଖି ପାଇଁ ପ୍ରେରଣା ଦେଉଛି । ୨ପୁଅ, ଗୋଟିଏ ଝିଅ,୪ ନାତିନାତୁଣୀକୁ ନେଇ ମୋ ପରିବାର । ପରିବେଶ ସୁରକ୍ଷା ପାଇଁ ମୋତେ ପ୍ରକୃତିବନ୍ଧୁ ସମ୍ମାନ, ମାର୍ଗଦର୍ଶୀ ପରିବେଶ ସମ୍ମାନ, ସବୁଜ ସମ୍ମାନ, ବଣମଲ୍ଲୀ ସମ୍ମାନ ମିଳିଛି । ସେହିପରି ସମାଜସେବା ପାଇଁ ଗାନ୍ଧୀ ବିନୋବା ପାଠଚକ୍ର ତରଫରୁ ସମ୍ମାନିତ ।’’

ସ୍ୱାମୀ ବିବେକାନନ୍ଦ କ୍ଲବ୍, ବୋଲଗଡ଼ ମହୋତ୍ସବ, ସବୁଜ ସାହିତ୍ୟ ସଂସଦ, ସଂକଳ୍ପ ମହୋତ୍ସବ, କୋଣାର୍କ ସାହିତ୍ୟ ସଂସଦ, ଶ୍ରୀଜଗନ୍ନାଥ ଚେତନା ପରିଷଦ, ମକର ମହୋତ୍ସବ ଅତ୍ରି, ମା’ କାଳିକା ସାହିତ୍ୟ ସଂସଦ, ଆମ ଗାଁ ମହୋତ୍ସବ, ନେହେରୁ ଯୁବ ପ୍ରତିଷ୍ଠାନ ଭୁବନେଶ୍ୱର, ପଲ୍ଲିଶ୍ରୀ ସାହିତ୍ୟ ସଂସଦ କୁମାରବସ୍ତ, ସରଗଶଶୀ ରାଜ୍ୟସ୍ତରୀୟ ସମ୍ମାନ ଆଦି ସଂସ୍ଥାରୁ ସେ ସମ୍ମାନିତ ହୋଇଛନ୍ତି ।।

–ବନବିହାରୀ ବେହେରା





# ପ୍ରେମ

**– ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

**ପ୍ରେମ !**
ଅବୁଝା ମନର ଏକ
ପାରିବାପଣ,
ଛିଣ୍ଡି ଯାଇଥିବା ମାଳାର
ଏକ ଅବ୍ୟକ୍ତ ଆବେଦନ ।

ପ୍ରେମ !
ଭଲ ପାଇବାର ଏକ
ଅଲିଭା ଆତ୍ମସନ୍ତୋଷ
ସାଦା କାଗଜରେ
ଫୁଟି ଉଠୁଥିବା ଏକ ବର୍ଣ୍ଣିଳ
ମଧୁର ଅଶ୍ଳେଷ ।

ପ୍ରେମ !
ଯନ୍ତ୍ରଣାରୁ ଉତୁରି ଆସୁଥିବା
ସ୍ୱପ୍ନର ଏକ ନୀଳ ନାୟିକା
ଆପଣାର ଭାବରେ
ବାନ୍ଧି ହୋଇଯାଇଥିବା
ଏକ ସଫେଦ
ସୁଦୂରର ଏକ ମଧୁ ମରୀଚିକା ।

ପ୍ରେମ !
ବର୍ଣ୍ଣନାତୀତ ଏକ ଶବ୍ଦଟିଏ
ଭିଜିଗଲେ
ନିଜର ନିଜର ଲାଗେ
ଆଖି ବୁଜି ଦେଲାପରେ ବି
ପାଖେ ପାଖେ ରହିଥାଏ
ଅମୃତର ସ୍ୱାନ ପରେ
ଚାହିଁ ରହିଥାଏ
ଏକ ମଧୁମୟ
ମିଳନର ସ୍ପର୍ଶ ।

*– ପୁରୁଣା ସହର, ନୟାଗଡ଼*
*ମୋ: ୯୯୩୮୩୦୯୬୫୨*









# କୁଣ୍ଢି

**– ସତ୍ୟବତୀ ସ୍ୱାଇଁ**

ଗହଳିରେ ଫାଟି ପଡୁଥିଲା ଶ୍ରୀମନ୍ଦିର ପରି ମୋ' ଘର। ସମସ୍ତଙ୍କୁ ଏକାଠି ଦେଖି କୁରୁଳି ଉଠୁଥିଲି। ମୁରବିଟେ ଆଉ ଚାହେଁ କ'ଣ ! ଯତ୍ନରେ ବଢ଼େଇଥିବା ତା'ର ସବୁ ଛୁଆପିଲା ଭଲରେ ଥାଆନ୍ତୁ, ଖୁସିରେ ଥାଆନ୍ତୁ । ସେଥିପାଇଁ ଯିଏ ତାଙ୍କୁ ଏକୁଟିଆ ଛାଡ଼ି ଗାଁ, ଜିଲା, ରାଜ୍ୟ ବାହାରେ ସଂସ୍ଥା ଖୋଲିଲେ, ସେଠାରେ ରହିଲେ, ସେ ହୃଦୟର ଦ୍ୱାର ଖୋଲା ରଖିଲେ। ଏବେ ଘଟଣା ଟିକେ ଅଲଗା ମୋଡ଼ ନେଉଥିଲା, ଯାହା ସେ କେବେ ତାଙ୍କ ମଗଜରେ ଭରି ନଥିଲେ। ତିନି ପୁଅବୋହୂ ଏବଂ ଝିଅ ଜ୍ୱାଇଁ ଟଣାଓଟରା ହେଉଥିଲେ ଖର୍ଚ୍ଚକୁ ନେଇ। ମୋ ବ୍ୟବହୃତ ସବୁ ଜିନିଷପତ୍ର ବଡ଼ ଗଣ୍ଠିଲି କରି ବାନ୍ଧି ରଖୁଥିଲେ। ବୋଧେ ମୋର କୌଣସି ସ୍ମୃତି ନିଜ ପାଖରେ ରଖିବାକୁ ଚାହୁଁ ନ ଥିଲେ। ନାତି ଟୋକାଟି ପାଇଗଲା ମୋର କୁଣ୍ଢି କାଠବାକ୍ସଟିକୁ ଏବଂ ଆଣି ସମସ୍ତଙ୍କୁ ଦେଖେଇଲା।

ସବୁରି ଆଖି ଏବେ ସେଇ କାଠବାକ୍ସ ଉପରେ। ମାଆ ସାଇତି ରଖିଥିବ କିଛି ମାଲମତା ସେ ଭିତରେ। ସେମାନେ ସେମାନଙ୍କ ଭିତରେ କୁହାକୁହି ହେଲେ। ଖୋଲି ଦେଖ କ'ଣ ଅଛି, ବଡ଼ ପୁଅ କହିଲା। ଚାବି ଖୋଜିବାରେ ଆଉ ଥୋକେ ସମୟ ଗଲା। ରାତି ନଅଟାରୁ ଖୋଲା ଅଗଣାରେ ପଡ଼ିରହିଛି ମୋ ନିର୍ଜୀବ ଶରୀର। ଦିନ ଚାରିଟା ହେଲାଣି। କୋକେଇଟେ ବାନ୍ଧିବାକୁ, ଫୁଲ ପଇସା ଚାଉଳ ଫିଙ୍ଗିବାକୁ, ନୂଆ ବସ୍ତ୍ର ଘୋଡ଼େଇବାକୁ, ଗାଁ ମଶାଣି କି ସ୍ୱର୍ଗଦ୍ୱାର ନେବାକୁ ତାଙ୍କ ତାଙ୍କ ଭିତରେ ଠେଲାପେଲା। ମନ ଖରାପ ହୋଇଗଲା। ହଁ, ମଲା ଲୋକର ଆଉ ମାନ ଅଭିମାନ କ'ଣ ! ଦେଖିପାରୁଛି, ଜାଣିପାରୁଛି ବୋଲି କଷ୍ଟ ହେଉଛି। ଟଙ୍କା ରୋଜଗାରର ମେଶିନ ନୁହେଁ ମଣିଷ ବୋଲି ଆମେ ମା'ବାପା ଚାହୁଁଥିଲୁ। ସେମାନଙ୍କ ଇଚ୍ଛା ପୂରଣ କରିବାରେ ଲାଗି ପଡିଥିଲୁ। ସେହି ପିଲାମାନେ କୁଣ୍ଢିର କୌତୂହଳରେ ପରମ୍ପରାକୁ ଚାହୁଁନାହାନ୍ତି।

ନବମରେ ପଢୁଥିବା ବଡ଼ ପୁଅର ପୁଅ ନିକୁ କହିଲା, ପରେ କୁଣ୍ଢି ଭାଙ୍ଗିବା। ଏବେ ଜେଜେମା'ଙ୍କୁ ବିଦା କର। କେତେ ସମୟ ଲାଗିବ ଭାଙ୍ଗିବାକୁ କହି ହାତୁଡ଼ି ଆଣି ସାନପୁଅ ଦେଲା ଦି'ପାହାର। ବିଛେଇ ପଡ଼ିଲା ଟଙ୍କା ବିଡ଼ା କେଇଟା। ଥିଲା ମୋ ହାତଲେଖା ଚିଠି। ପିଲାଙ୍କ ସହ ଉଠେଇଥିବା କିଛି ପାରିବାରିକ ଫଟୋ। ''ମାଆ ତାଙ୍କ ଦାହ ସଂସ୍କାର ପାଇଁ ରଖିଯାଇଛନ୍ତି'' କହିଲେ ଜ୍ୱାଇଁ। ପଡ଼ିଶା ଘରର ପୁତୁରା ଯିଏ ଆମ ବୋଲ ହାକ କରିଦିଏ, ସେ ଉଠେଇନେଲା ଚିଠି ଏବଂ ବଡ଼ ପାଟିରେ ପଢ଼ିଲା।



''ବାପା ତୁମର ସଞ୍ଚ ରଖିଥିଲେ ନିଜ କ୍ରିୟାକର୍ମ ପାଇଁ ପଇସା, ତୁମ ହାତରୁ ପଇସା ଖର୍ଚ୍ଚ ନ ହେଉ ବୋଲି। ମୁଁ ତାଙ୍କ ଇଚ୍ଛା ପୂରଣ କରିଥିଲି ସେହି ପଇସାସବୁ ତୁମମାନଙ୍କ ହାତକୁ ବଢ଼େଇ। ଯାହା ଯେଉଁଠୁ ପଇସା ମିଳେ ମୋ ଭତ୍ତା ଟଙ୍କା, ଚାଉଳ, ମୁଗ, ନଡ଼ିଆବିକା ପଇସା ସେସବୁ ଏହି କୁନି କାଠବାକ୍ସରେ ସଞ୍ଚୟ କରି ଆସୁଛି ତୁମ ବାପା ମଲାଦିନୁ। ବାପାଙ୍କ ବିନା ଏକା ଏ ଘରଟାରେ ପଡ଼ିରହିଲା ଦିନୁ ମୋର କ'ଣ ଆଉ ଭୋକଶୋଷ ଥିଲା ! ବଞ୍ଚିଥିଲି ବୋଲି ମୁଠେ କ'ଣ ପେଟକୁ ନିଏ ସିନା। କାଠବାକ୍ସ କୁଣ୍ଢି ଭିତରେ ଯେତିକି ଟଙ୍କା ଅଛି ଖୁସିରେ ମୋ' ଶୁଦ୍ଧିକ୍ରିୟା ହୋଇଯିବ। ତୁମକୁ ଗୋଟିଏ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ। କାନ୍ଧକୁ କାନ୍ଧ ଦେଇ ମିଳିମିଶି ଚଳିବ ପିଲେ।''

ମୁଁ ଭାବୁଥିଲି ପିଲାମାନେ ମୋର ଦୁଃଖରେ ଫାଟିପଡିବେ। ମୋତେ ଝୁରି ହୋଇ କାନ୍ଦିବେ। କିଛି ହେଲାନି। ଝିଅ କହିଲା, ''ଭଲ ହେଲା। ଯେତିକି ପଇସା ଅଛି ସେତିକିକୁ ଦେଖି ଖର୍ଚ୍ଚର ବଜେଟ କରିଦିଅ।'' ସାନ ପୁଅ କହିଲା, ''ମୋତେ କୁଣ୍ଢି କାଠବାକ୍ସଟି ଦେବ। ମାଆର ଏହି ଆଣ୍ଟିକ ଜିନିଷଟିର ଫଟୋ ଉଠେଇ ମୁଁ ସୋସିଆଲ ମିଡିଆରେ ଛାଡ଼ିବି।''

ମୋ ନିର୍ଜୀବ ଶରୀର ସେମିତି ପଡ଼ିରହିଥିଲା । ପିଲାମାନଙ୍କ ହିସାବ ଛିଡୁ ନ ଥିଲା। କୁଣ୍ଢିବାକ୍ସରୁ ହିସାବ ଘର, ଜମି, ତୋଟାଆଡ଼କୁ ଲମ୍ବି ଲମ୍ବି ଯାଉଥିଲା। ଆଗରୁ ଦେହ ଥାଇ ଦୁଃଖ ପାଉଥିଲି ପିଲାଙ୍କ ଅଣଦେଖାରେ। ଏବେ ଦେହ ନ ଥାଇ ବି ଦୁଃଖ ପାଉଛି ପିଲାଙ୍କ ଆଚରଣରେ...।

*– ବାଲିକୁଦା, ଜଗତ୍‌ସିଂହପୁର*
*ମୋ:୯୯୩୮୦୭୯୦୬୪*


'ବ୍ୟାଟେଲ ଅଫ୍ ଗଲୱାନ୍' ଫିଲ୍ମରେ ସଲମାନ୍

# ରହିଗଲା ଅବସୋସ

ସଲମାନ ଖାନ୍ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟମାତ୍ର। 'ମୈନେ ପ୍ୟାର କିୟା' ଠାରୁ 'ସିକନ୍ଦର' ପର୍ଯ୍ୟନ୍ତ ସେ ଭିନ୍ନ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିସାରିଛନ୍ତି। ହେଲେ ତାଙ୍କର ଆଶା ଥିଲା 'ଡର୍' ଫିଲ୍ମରେ ଶାହରୁଖ ଯେଉଁଭଳି ଏକ ଭିନ୍ନ ଧରଣର ଭୂମିକାର ଅଭିନୟ କରିଥିଲେ ଦିନେ ନା ଦିନେ ତାଙ୍କୁ ସେଭଳି ଏକ ରୋଲ୍ ମିଳିବ। ହେଲେ ତାହା ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ସଲମାନଙ୍କର ଲେଖାଲେଖି ପ୍ରତି ମଧ୍ୟ ରୁଚି ରହିଛି। ଏପରିକି ସେ ଅଭିନୟ କରିଥିବା କେତୋଟି ସିନେମାର ପଟ୍ଟକଥା ନିଜେ ରଚନା କରିଛନ୍ତି। ଅବସର ମିଳିଲେ ସେ ପେଣ୍ଟିଂ କରନ୍ତି। ତା'ସହ ସୁଇମିଙ୍ଗ ଏବଂ ସାଇକେଲିଂ କରିବାକୁ ବି ସେ ଭଲ ପାଆନ୍ତି। ବିଭିନ୍ନ ନୂଆ ବ୍ରାଣ୍ଡର ସାବୁନ୍ ସଂଗ୍ରହ କରିବା ତାଙ୍କର ଆଉ ଏକ ନିଶା। ବର୍ତ୍ତମାନ ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା 'ବ୍ୟାଟେଲ ଅଫ ଗଲୱାନ୍'ରେ ସେ ଅଭିନୟ କରୁଛନ୍ତି।

# ଆଶା ପୂରଣ ହେଲା

ତେଲୁଗୁ ସିନେମାରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ସିନେମା 'ଚିତ୍ରାଙ୍ଗଦା' ୨୦୧୭ରେ ରିଲିଜ ହୋଇଥିଲା। ଇତିମଧ୍ୟରେ ସେ ବେଶ୍ କେତୋଟି ତେଲୁଗୁ, କନ୍ନଡ ଏବଂ ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ନିକଟରେ ସେ ଏକ ହିନ୍ଦୀ ସିନେମାରେ ଅଭିନୟ କରିଛନ୍ତି, ଯାହାର ଟାଇଟଲ ଫାଇନାଲ ହୋଇନାହିଁ। ସେ ହେଲେ ଶ୍ରୀଲୀଲା। ଖାସ୍‌କଥା ହେଲା, ଏଥିରେ ତାଙ୍କର ଏକ ଆଶା ପୂରଣ ହୋଇଛି। ତାହା କ'ଣ ଜାଣନ୍ତି ? ସେ ବବି ଦେଓଲଙ୍କ ସହ ଅଭିନୟ କରିବାକୁ ଆଶା ରଖିଥିଲେ। ଆଉ ଏହି ଫିଲ୍ମରେ ତାଙ୍କୁ ଏ ସୁଯୋଗ ମିଳିଛି। ଏ ବିଷୟରେ ସେ କହନ୍ତି, ''ଯେତେବେଳେ ମୁଁ ଶୁଣିଲି ଯେ, ଏହି ଫିଲ୍ମରେ ବବି ଦେଓଲ ଅଛନ୍ତି ଡେରି ନ କରି ଅଭିନୟ କରିବାକୁ ରାଜି ହୋଇଯାଇଥିଲି। ଆତ୍ମନଭିତ୍ତିକ ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛି। ଖୁବ୍ ଶୀଘ୍ର ଏହାର ଟାଇଟଲ ଫାଇନାଲ ହେବ।''ତେବେ ଏହାର ଟାଇଟଲ କ'ଣ ଦିଆଯାଉଛି ତାହା ଦେଖିବାକୁ ବାକି ରହିଲା।


ଶ୍ରୀଲୀଲା

# ଟିପ୍ସ ବାଣ୍ଟୁଛନ୍ତି ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ ସେ ଏମିତି କେଉଁ ଟିପ୍ସ ବାଣ୍ଟୁଛନ୍ତି କି ? କଥା କ'ଣ କି ସାରା ଏବେ ଫିଟନେସ୍ ଉପରେ ଜନସଚେତନତା ସୃଷ୍ଟି କରିବାକୁ ସ୍ଥିର କରିଛନ୍ତି। ଆଉ ନିଜର ଏହି ମିଶନ ସେ ନିଜ ସାଙ୍ଗମାନଙ୍କ ପାଖରୁ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, ''ଯେତେବେଳେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମୋ ପାଇଁ ଫିଟନେସ୍ ବଡ ସମସ୍ୟା ଥିଲା। ଆବଶ୍ୟକତାଠାରୁ ଅଧିକ ଓଜନ ଥିବାରୁ ତାକୁ ଏକ ସୀମିତ ସମୟ ଭିତରେ କମାଇବାର ଟାର୍ଗେଟ ଥିଲା। ଏଥିପାଇଁ ସେତେବେଳେ ମୋତେ ଯେଉଁ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା ତାକୁ ମୁଁ କଦାପି ଭୁଲି ପାରିବି ନାହିଁ। ମୁଁ ତ ଫିଟ୍ ହେଲି। ଅନ୍ୟମାନେ ବି କେମିତି ଫିଟ୍ ରହିବେ ସେଥିପାଇଁ ଏବେ ଫିଟନେସ୍ ଆୱାରନେସ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି। ଏହି ମିଶନକୁ ସକସେସ୍ କରିବାକୁ ମୁଁ କେତେଜଣ ନାମୀ ଫିଟ୍‌ନେସ୍ ଟ୍ରେନରଙ୍କ ସହାୟତା ଲୋଡିଛି ଏବଂ ସେମାନେ ମଧ୍ୟ ସହଯୋଗ କରିବାକୁ କଥା ଦେଇଛନ୍ତି। କେବଳ ସେତିକି ନୁହେଁ ମୋର କେତେଜଣ ସାଙ୍ଗ ମଧ୍ୟ ମୋ ସାଥୀରେ ରହିବେ।'' ସାରାଙ୍କର ଏହି ଫିଟ୍‌ନେସ୍ ମିଶନ କେତେ ସଫଳ ହେଉଛି ତାହା ସମୟ ହିଁ କହିବ।

# ଯାହା ଖୋଜୁଥିଲେ ୟାମି

ୟାମି ଗୌତମ ଯେଉଁଭଳି ଭୂମିକାଟିଏ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍ ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ଏକ ଦମ୍‌ଦାର ଭୂମିକାରେ ଦେଖିବାକୁ ପାଇବେ। ଚଳଚ୍ଚିତ୍ରରେ ସେ ମୁସଲମାନ ମହିଳା ସାଜିଆ ବାନୋ ଭୂମିକାରେ ଅଭିନୟ କରୁଛନ୍ତି। ଯିଏକି କୋର୍ଟ ଭିତରେ ଓକିଲଙ୍କ ସହ ନିଜ ଅଧିକାର ପାଇଁ ଲଢୁଛନ୍ତି। ଆଉ ଯେ, ତାଙ୍କ ବିପକ୍ଷର ଓକିଲ ଅଛନ୍ତି, ସେ ହେଉଛନ୍ତି ତାଙ୍କ ସ୍ୱାମୀ। ଆଉ ତାଙ୍କ ସ୍ୱାମୀ ଚରିତ୍ରରେ ଅଭିନୟ କରିଛନ୍ତି ଇମ୍ରାନ ହାସମୀ। ଫିଲ୍ମଟିର ଟାଇଟଲ ହେଉଛି 'ହକ୍'। ଚଳଚ୍ଚିତ୍ରଟି ଶାହ ବାନୋ ନାମ୍ନୀ ଜଣେ ମୁସଲମାନ ମହିଳାଙ୍କର ନ୍ୟାୟ ଓ ଅଧିକାର ପାଇଁ ସଂଘର୍ଷର କଥା ଉପରେ ପର୍ଯ୍ୟବସିତ। ୟାମି କହନ୍ତି, ''ଏହି ଫିଲ୍ମରେ ଜଣେ ମହିଳା କିପରି ଅନ୍ୟାୟ ବିରୁଦ୍ଧରେ ଲଢୁଛି ତାହା ଦର୍ଶକ ଦେଖିବାକୁ ପାଇବେ। ନିଜ ହକ୍ ପାଇବାକୁ ସେ କେତେ ଦୃଢ଼ମନା ତାହା ଏଥିରେ ଦେଖିବାକୁ ମିଳିବ। ମୋ ଅପୋଜିଟ୍‌ରେ ଅଛନ୍ତି ଇମ୍ରାନ ହାସମୀ। ତାଙ୍କର ଅଭିନୟ ମଧ୍ୟ କୌଣସି ଗୁଣରେ କମ୍ ହୋଇନି।'' ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ସୁପର୍ଣ୍ଣ ଏସ. ବର୍ମା। କାହାଣୀ ରଚନା କରିଛନ୍ତି ରେଶୁ ନାଥ। ଜଙ୍ଗଲି ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟି ଚଳିତ ମାସ ୭ ତାରଖରେ ରିଲିଜ ହେବାକୁ ଯାଉଛି।


ୟାମି


'ଚକ୍ରାନ୍ତ' ଫିଲ୍ମରେ ଶୁଭାଶିଷ-ଭୂମିକା

# ଚକ୍ରାନ୍ତ

ଆଜିକାଲି ଅନେକ ଯୁବତୀ-ଯୁବକ ନିଜ ଜୀବନର ଲକ୍ଷ୍ୟକୁ ଭୁଲି କୁସଙ୍ଗରେ ପଡ଼ି ଭୁଲ ରାସ୍ତାକୁ ଚାଲି ଯାଉଛନ୍ତି। କେହି କେହି ଅପରାଧ ଦୁନିଆର ମାୟାଜାଲରେ ଫସି ଯାଉଛନ୍ତି। କିଏ ପୁଣି ଚକ୍ରାନ୍ତର ଶୀକାର ହୋଇ ସେଥିରୁ ମୁକୁଳିବାକୁ ଚେଷ୍ଟା କରୁଛନ୍ତି। ତେବେ ଏଭଳି ପରିସ୍ଥିତିରୁ ଜଣେ ନିଜକୁ ମୁକୁଳାଇ ପାରୁଛି ତ ? ଏହାର ଉତ୍ତର ରହିଛି ଏଭଳି ସାମ୍ପ୍ରତିକ କାହାଣୀକୁ ନେଇ ନିର୍ମିତ ନୂଆ ଓଡ଼ିଆ ସିନେମା 'ଚକ୍ରାନ୍ତ'ରେ। ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଆସନ୍ତା ବର୍ଷ ଜାନୁୟାରୀରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସୌରଭ ପାଢ଼ୀ। ଶୁଭାଶିଷ ଶର୍ମା (ମଣ୍ଟୁ) ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଭୂମିକା ଦାଶ। ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପିନୁ ନାୟକ। ଦିଶା ପାଢ଼ୀଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଡା. ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ଗୀତଗୁଡିକୁ ରଚନା କରିଛନ୍ତି। ସେଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ଅଭିଜିତ ମଜୁମଦାର। ଚିତ୍ରତ୍ତୋଳନ କରିଛନ୍ତି ସୁଦର୍ଶନ ସେନାପତି। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ ଏବଂ କବିର। ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଣାରାଣୀ ଦାଶ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ସାରା


# ଦୋଛକିରେ ନୋରା

ନୋରା ଫତେହି ଏବେ ଏମିତି ଅକଳିଆରେ ପଡିଛନ୍ତି ଯେ, ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ତେଣୁ ଏଭଳି ଘଡିସନ୍ଧି ସମୟରେ ସେ ଏ ନେଇ କି ନିଷ୍ପତ୍ତି ନେବେ ଜାଣିପାରୁନାହାନ୍ତି। କଥା କ'ଣ କି ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ ସ୍ପେଶାଲ ଆପିଏରେନ୍ସରେ ଦର୍ଶକ ଦେଖିବାକୁ ପାଇବେ। ତାହା ପୁଣି ଏକ ଆଇଟମ୍ ନମ୍ବର। ହେଲେ ଏଠାରେ ହିଁ ଟିକେ କେଁ ରହିଯାଇଛି। ଏହି ଗୀତରେ ତାଙ୍କୁ ଆବଶ୍ୟକତାଠାରୁ ଅଧିକ ବୋଲ୍ଡ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ସେ କି ନିଷ୍ପତ୍ତି ନେବେ ଠିକ୍ କରିପାରୁନାହାନ୍ତି। ଏ ବିଷୟରେ ନୋରା କହନ୍ତି, ''ଏବେ ଯେଉଁ ଅନଟାଇଟଲଡ୍ ଫିଲ୍ମ ସାଇନ୍ କରିଛି ସେଥିରେ ଗୋଟିଏ ଆଇଟମ୍ ଡ୍ୟାନ୍ସରେ ମୁଁ ଦେଖାଦେବି। ହେଲେ ମୋତେ ଲାଗୁଛି ଏଥିରେ ଆବଶ୍ୟକତା ଠାରୁ ଅଧିକ ବୋଲ୍ଡ ଶଟ୍ ରଖାଯାଇଛି। ଏହା ହିଁ ମୋତେ ଅଡୁଆରେ ପକାଇଛି। ସେପଟେ ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ଯଦି ସୁଯୋଗଟି ଛାଡି କରିଦେବି ତେବେ ଏହା ବୋକାମି ହେବ ବୋଲି ଭାବୁଛି। ଏଭଳି ପରିସ୍ଥିତିରେ ମୋତେ ପ୍ରଯୋଜକ ଦୁଇ ସପ୍ତାହ ସମୟ ଦେଇଛନ୍ତି। ତା' ଭିତରେ ମୋତେ ଯାହା ହେଲେ ବି ନିଷ୍ପତ୍ତି ନେବାକୁ ପଡିବ।'' ଦେଖାଯାଉ, ଏ କ୍ଷେତ୍ରରେ ନୋରା କ'ଣ କରୁଛନ୍ତି !


ନୋରା

## ପ୍ରଥମ ରୋଜଗାର

# ୩ ଘଣ୍ଟାରେ ୩ ଶହ ଟଙ୍କା ପାରିଶ୍ରମିକ ପାଇଥିଲି



**ବାଣୀ ସାଧକ, ପ୍ରବଚକ ପଣ୍ଡିତ ଭୁବନାନନ୍ଦ ନନ୍ଦ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଜୀବନରେ ସ୍ମୃତି ତ ଅନେକ, ତଥାପି କିଛି ଅଭୁଲା ସ୍ମୃତି ରହିଛି ଯାହା ଭୁଲିହୁଏ ନାହିଁ। ଘର ମୋର କେନ୍ଦ୍ରାପଡ଼ା ବରାହ କ୍ଷେତ୍ର କଳଦିଆ ଗ୍ରାମରେ। ଜନ୍ମ ୧୯୫୬ ସେପ୍ଟେମ୍ବର ୨୬ ଦ୍ୱିତୀୟା ଓଷା ଦିନ। ବାପା ସ୍ୱର୍ଗତ ମାଗୁଣି ନନ୍ଦ ଓ ମାତା ଗଭାଦେବୀଙ୍କ ମୁଁ ୪ର୍ଥ ସନ୍ତାନ। ମା' ମୋର ଦୃଷ୍ଟିବାଧିତ। ବାଲ୍ୟ ସମୟ ବହୁ କଷ୍ଟରେ କଟିଛି। ବାପା ଜଣେ ଭାଗବତୀ ଥିବାରୁ ଦିନରେ ପାଠପଢ଼ା ଓ ରାତିରେ ତାଙ୍କ ସହ ପାରାୟଣକୁ ଯାଏ। ଏମିତିରେ ସଂସ୍କୃତରେ ସାହିତ୍ୟାଚାର୍ଯ୍ୟ ପାସ୍ କଲି।

ଦିନକର କଥା। ସେତେବେଳେ ବୟସ ମୋର ୧୭ ହେବ। ଏକ ଅନୁଷ୍ଠାନରେ ସେଦିନ ବାପାଙ୍କର ପ୍ରବଚନ କାର୍ଯ୍ୟକ୍ରମ ଥାଏ। ହଠାତ୍ ବାପାଙ୍କ ଦେହ ଖରାପ ହୋଇଗଲା। ଶହ ଶହ ଲୋକ, ୧୦ଜଣ ଗାଇବା ବଜାଇବା ଦଳ ଉପସ୍ଥିତ ଥାନ୍ତି। କ'ଣ କରାଯିବ। ମୁଁ ବାପାଙ୍କ ପାଖରେ ବସିଥାଏ। ହଠାତ୍ ବାପା ନିର୍ଦ୍ଦେଶ ଦେଇ ମୋତେ କହିଲେ, ''ଯା' ପ୍ରବଚନ କର। ଗୋଟିଏ କଥା ମନେରଖିବୁ ତୁ ହେଉଛୁ ଏ ସଭାରେ ସବୁଠାରୁ ଜ୍ଞାନୀ।'' ଚନ୍ଦନ ଚର୍ଚ୍ଚିତ ହୋଇ ଫୁଲମାଳଟିଏ ପକାଇ ଯେତେବେଳେ ବ୍ୟାସାସନରେ ଯାଇ ବସିପଡ଼ିଲି, ସମସ୍ତେ ସ୍ତବ୍ଧ ହୋଇଗଲେ, ଛୁଆ ନନାଟା କ'ଣ କରିବ! ସେଦିନ କିନ୍ତୁ ପ୍ରବଚନ ବହୁତ ଭଲ ହେଲା। ଆଉ ମୋତେ ୩ ଶହ ଟଙ୍କା ପୁରସ୍କାର ବି ମିଳିଲା ; ଯାହାର ମୂଲ୍ୟ ଏବେ ପ୍ରାୟ ୩ ହଜାର ଟଙ୍କା ସହ ସମାନ ହେବ। ଟଙ୍କା ତକ ଧରି ବାପାଙ୍କ ପାଦତଳେ ରଖିଦେଲି। ଜ୍ୱରରେ କମ୍ପୁଥିବା ବାପା ତାଙ୍କ ଥର ଥର ହାତକୁ ମୋ ମୁଣ୍ଡ ଉପରେ ରଖି କହିଲେ, ''ତୁ ଜୀବନରେ କେଉଁଠି ହାରିବୁ ନାହିଁ, ତୋ ଉପରେ ଏହି ଆଶୀର୍ବାଦ ମୋର ରହିଲା।'' ଉଭୟଙ୍କ ଆଖିରୁ ଆନନ୍ଦାଶ୍ରୁ ବହିଯାଉଥାଏ। ବାପା ଘରକୁ ଫେରି ବୋଉକୁ ସେହି ୩ଶହ ଟଙ୍କା ଦେଇ କହିଲେ, ''ଏଇ ନେ ତୋ ପୁଅ ମାତ୍ର ୩ ଘଣ୍ଟାରେ କେତେ ରୋଜଗାର କରିଛି।'' ବୋଉ ସେଥିରୁ କିଛି ଇଷ୍ଟଦେବଙ୍କୁ ସମର୍ପଣକରି ବାକି ଟଙ୍କା ତକ ତା' ତେଲଲୁଣ ସଂସାରର ଖର୍ଚ୍ଚ ତୁଲାଇଥିଲା।

୧୯୮୨ରେ ଖୋର୍ଦ୍ଧା ପଲ୍ଲାତୋଟାପଡ଼ା ହାଇସ୍କୁଲରେ ପଣ୍ଡିତ ଶିକ୍ଷକ ଭାବେ ଅବସ୍ଥାପିତ ହେଲି। କିନ୍ତୁ ସରକାରୀ ଭାବେ ୧୯୮୪ରେ ମାନପୁର ହାଇସ୍କୁଲରେ ୧୨୬୦ ଟଙ୍କା ଦରମା ପାଇଲି। ଏହାର ଅନୁଭୂତି ବି କିଛି କମ୍ ନୁହେଁ। ଏବେ ଚାକିରିରୁ ଅବସର ନେଇସାରିଛି। ଏଥିସହ ଓଡ଼ିଶାର ବିଭିନ୍ନ ସ୍ଥାନ, ଏପରିକି ଦିଲ୍ଲୀ, କଲିକତା, ନଦିଆ ନବଦ୍ୱୀପ ଆଦି ସ୍ଥାନର ବିଭିନ୍ନ ଅନୁଷ୍ଠାନରେ ପ୍ରବଚନ ବି ଦେଇସାରିଛି। ଶେଷରେ ଏତିକି କହିବି, ଭଗବାନ୍ ହେଉଛନ୍ତି ମନ ଓ ହୃଦୟର ଅନୁଶାସକ। ତାଙ୍କଠାରେ କିଛି ଗୋପନ ରଖି ହେବନାହିଁ। ସେ ଭାବନାର ନୀରବଦ୍ରଷ୍ଟା। ତେଣୁ ସତ୍‌ମାର୍ଗରେ ଚାଲ।

# ପାଖରେ ନାହିଁ ମନର ସାଥୀ, ଭାବନାରେ ବିତେ ଚାନ୍ଦିନୀ ରାତି

**ପ୍ରଶ୍ନ:** ମୋ ପ୍ରେମିକା ମୋତେ କଥା ଦେଇ ଯାଇଛି ଯେ ସେ ଶୀଘ୍ର ଫେରି ଆସିବ। ହେଲେ ଦିନ ପରେ ଦିନ ରାତି ପରେ ରାତି ବିତିଯାଉଛି। ହେଲେ ସେ ଫେରୁନି କାହିଁକି ? ସେ ମୋତେ ଧୋକା ଦେଇ ଚାଲି ଗଲାନି ତ ?

*-ଅମିତ ସାହୁ, ଅନୁଗୋଳ*

**ଉତ୍ତର:** ପ୍ରେମରେ ସବୁଠାରୁ ବଡ କଥା ହେଲା ବିଶ୍ୱାସ। ପ୍ରେମିକା ଆପଣଙ୍କ ଉପରେ ବିଶ୍ୱାସ ରଖି କହିଯାଇଛି ଯେ ସେ ଶୀଘ୍ର ଫେରିଆସିବ। 'ପାଖରେ ନାହିଁ ମନର ସାଥୀ, ଭାବନାରେ ବିତେ ଚାନ୍ଦିନୀ ରାତି'। ହେଲେ ଆପଣ ଉଲ୍ଲେଖ କରୁଛନ୍ତି ଯେ ଦିନ ଗଡିଚାଲିଛି ହେଲେ ସେ ଫେରୁନାହିଁ। ସେହି ସୁନ୍ଦରୀର ଠିକଣା ଆପଣଙ୍କ ପାଖରେ ନାହିଁ କି ? ଏବେ ତ ହାଇଟେକ୍ ଯୁଗ। ଅନ୍ତତଃ ମୋବାଇଲ ନମ୍ବର ଥିବ। ତେଣୁ ଭାବନା ରାଇଜରୁ ବାହାରି ଆସି ଯୋଗାଯୋଗ କରନ୍ତୁ। ହୁଏତ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଯିବେ।

**ପ୍ରଶ୍ନ:** ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ଏବେ କ'ଣ କରିବି ଜାଣିପାରୁନାହିଁ ?

*-ପ୍ରମୋଦ ନାୟକ, ବାଲେଶ୍ୱର*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ। ପୁଣି ବର୍ତ୍ତମାନ ଆପଣଙ୍କ ବନ୍ଧୁର ସେ ଧର୍ମପତ୍ନୀ। ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯେ, ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ନ ହେଲେ କଥାଟି 'ଆପଣା ହସ୍ତେ କ୍ରିହା ଛେଦି, କେ' ତା'ର ଅଛି ପ୍ରତିବାଦୀ' ପରି ହେବ।

**ପ୍ରଶ୍ନ:** ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*-ଅନିକେତ, ବଡବିଲ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝି ନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ:** ଥରେ ଟ୍ରେନ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି ?

*-ଜିତେନ୍ଦ୍ର କୁମାର, ଜଗତ୍‌ସିଂହପୁର*

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ ରହିଛି। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନସନର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ। କାହା ପରାମର୍ଶରେ ଆଗେଇଲେ ହୁଏତ ଅସୁବିଧା ସୃଷ୍ଟି ହୋଇପାରେ। ତେଣୁ ଦେଖିଚାହିଁ ଏପରି ନିଷ୍ପତ୍ତି ନିଅନ୍ତୁ ଯେମିତି ଆପଣଙ୍କ ମନରେ ଖୁସିର ଲହରି ଖେଳିଯିବ।

ସାଥୀ



# ଚିତ୍ର ଦେଉଛି ଆତ୍ମସନ୍ତୋଷ



**ଚିତ୍ର ଅଙ୍କନ ବେଳେ ମୋତେ ଲାଗେ ମୁଁ ଚିତ୍ର ସହିତ କଥା ହେଉଛି। ମନେପଡୁଛି ଥରେ କୃଷ୍ଣଲୀଳାକୁ ନେଇ ପଟ୍ଟଚିତ୍ର ଅଙ୍କନ କରୁଥିଲି ମତେ ଲାଗୁଥିଲା ଯେମିତି ମୁଁ ମହାପ୍ରଭୁଙ୍କୁ ଦର୍ଶନ କରୁଛି...**

**ଗାଁ** ଖୁଦୁରୁକୁଣୀ ଓଷାରେ ମା' ମଙ୍ଗଳା, ସାଧବପୁଅ ଓ ସାଧବାଣୀ ବୋହୁଙ୍କ ଚିତ୍ର ଦେଖିବାକୁ ତାଙ୍କୁ ଖୁବ୍ ଭଲ ଲାଗୁଥିଲା। ଭାବୁଥିଲେ ସେ କେମିତି ଏସବୁ କରପାରନ୍ତେ। ମାଣବସା ବେଳେ ଘର ଅଗଣାରେ ଝୋଟି ପଡୁଥିଲା ସେ ବି ତାକୁ ଦେଖି ଦେଖି ନିଜେ ପକାଉଥିଲେ। ଆଉ ଝୋଟି ପକାଇ ସାରିବା ପରେ ନିଜେ ପକାଇଥିବା ଝୋଟିକୁ ଦେଖି ନିଜେ ବିଶ୍ୱାସ କରିପାରୁ ନ ଥିଲେ କି ସେ ସତରେ ଏତେ ସୁନ୍ଦର ଝୋଟି କରିପାରନ୍ତି। ଆଉ ସେଇଠୁ ନିଷ୍ପତ୍ତି ନେଲେ ବଡ଼ ହେଲେ ସେ ଚିତ୍ରଶିଳ୍ପୀ ହିଁ ହେବେ। ଇଏ ହେଲେ **ବୈଶାଖୀ ନାୟକ**। ମାତା ବାସନ୍ତୀ ନାୟକ, ପିତା ଗୋପାଳ ନାୟକ। ଘର ପୁରୀ ଜିଲା ନିମାପଡ଼ା ବ୍ଲକର ଖେଲାର ଗ୍ରାମରେ। ସେ କୁହନ୍ତି, 'ପିଲାଟି ଦିନରୁ ମୋର ଚିତ୍ରକଳା ପ୍ରତି ବହୁତ ଆଗ୍ରହ ଥିଲା। ସ୍କୁଲ ପଢା ସମୟରେ ଚିତ୍ରବହି ଦେଖି ବିଭିନ୍ନ ଚିତ୍ର ତିଆରି କରିବା ଅଭ୍ୟାସ ଜାରିରଖିଥାଏ। ମାଣବସା ବେଳେ ଘରେ ଝୋଟି ଚିତ୍ର ଅଙ୍କନ କରିବାକୁ ଭଲ ପାଉଥିଲି। ମୋ ଦ୍ୱାରା ଅଙ୍କନ ହୋଇଥିବା ବିଭିନ୍ନ ଝୋଟି ଓ ଚିତ୍ରକୁ ଅନ୍ୟମାନେ ଦେଖି ମୋତେ ବହୁତ ପ୍ରଶଂସା କରୁଥିଲେ। ବିଶେଷକରି ପଟ୍ଟଚିତ୍ର ଶିଖିବାକୁ ମନ ବଳାଇଥିଲି। ମୋବାଇଲ ୟୁଟ୍ୟୁବ୍‌ରେ ପଟ୍ଟଚିତ୍ର ଦେଖି କିଛିକିଛି ଶିଖିଲି। କିନ୍ତୁ ପରେ ୨୦୧୬ରୁ ବିଧିବଦ୍ଧଭାବେ ପଟ୍ଟଚିତ୍ର ଶିକ୍ଷା ଆରମ୍ଭ କଲି। ତା'ସହିତ ଚିତ୍ରକଳାରେ ଆଗକୁ ଯିବା ପାଇଁ ୧୦ମ ପାସ୍ ହେବା ପରେ ଭାଇଙ୍କ ପ୍ରେରଣାରେ



ଧଉଳି କାରୁ ଓ ଚାରୁକଳା ମହାବିଦ୍ୟାଳୟରେ ନାମ ଲେଖାଇଲି। ଏହାଭିତରେ ପ୍ରାୟ ୧୦ବର୍ଷ ଧରି ପଟ୍ଟଚିତ୍ର ଅଙ୍କନ କରି ଆସୁଛି। ଚିତ୍ରଟିଏ ଆଙ୍କିବା ପୂର୍ବରୁ ପ୍ରଥମେ ଥିମ୍‌କୁ ବୁଝିବାକୁ ହୋଇଥାଏ। ଥିମ୍‌କୁ ଠିକ୍‌ଭାବେ ନ ବୁଝିଲେ ଜଣେ ଚିତ୍ର ଭିତରକୁ ଯାଇପାରିବନି କି ଚିତ୍ରକୁ ଠିକ୍‌ଭାବରେ ନ୍ୟାୟ ଦେଇପାରିବନି।

ଚିତ୍ର ଅଙ୍କନ ବେଳେ ମୋତେ ଲାଗେ ମୁଁ ଚିତ୍ର ସହିତ କଥା ହେଉଛି। ବିଶେଷକରି ଯେତେବେଳେ ପୌରାଣିକ ବିଷୟବସ୍ତୁକୁ ଆଧାର କରି ଚିତ୍ର କରେ ମୋ ଭିତରେ ଏକ ଭିନ୍ନ ଅନୁଭବ ହୁଏ। ମନେପଡୁଛି ଥରେ କୃଷ୍ଣଲୀଳାକୁ ନେଇ ପଟ୍ଟଚିତ୍ର ଅଙ୍କନ କରୁଥିଲି ମତେ ଲାଗୁଥିଲା ଯେମିତି ମୁଁ ମହାପ୍ରଭୁଙ୍କୁ ଦର୍ଶନ କରୁଛି। ଏହା ମୋ ଭିତରେ ଏକ ଅପୂର୍ବ ଆନନ୍ଦ ଭରି ଦେଇଥିଲା।

କୃଷ୍ଣଲୀଳା ବ୍ୟତୀତ ରାମଲୀଳା, ଶିବପୁରାଣ, ଶ୍ରୀଗଣେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିଥାଏ। ବିଭିନ୍ନ ସ୍ଥାନରେ ଆୟୋଜିତ ପଟ୍ଟଚିତ୍ର ୱାର୍କଶପ୍‌ରେ ଯୋଗ ଦେଇଥାଏ। ସେଠାରେ ବିଭିନ୍ନ ସ୍ଥାନରୁ ବହୁତ କଳାକାର ଯୋଗ ଦେଇଥାନ୍ତି। ଯେଉଁମାନଙ୍କଠାରୁ ମୁଁ ଚିତ୍ରକଳା ବିଷୟରେ ବହୁତ କିଛି ଶିଖିଥାଏ। ଆଜି ମୁଁ ଯେଉଁଠି ପହଞ୍ଚିଛି ସେଥିରେ ମୋର ଗୁରୁ ପଞ୍ଚାନନ ସାମଲଙ୍କ ଅବଦାନ ବହୁତ। ଆଜି ଚିତ୍ରକଳା କେବଳ ମୋର ବଞ୍ଚିବାର ମାଧ୍ୟମ ହୋଇନି, ଏହା ମୋତେ ଆତ୍ମସନ୍ତୋଷ ବି ଦେଉଛି। ୟା' ଭିତରେ ମୁଁ ୫ଶହରୁ ଊର୍ଦ୍ଧ୍ୱ ଚିତ୍ର ଅଙ୍କନ କରିସାରିଲିଣି। ଏସବୁ ଚିତ୍ର ରାଜ୍ୟ ଲଳିତକଳା ଏକାଡେମୀ, ଆର୍ଟ ଫେଷ୍ଟିଭାଲ, କଳାଭୂମି ଆଦିରେ ପ୍ରଦର୍ଶିତ ହେବାସହ ସମ୍ମାନିତ ହୋଇଛି।




# ପରିଚୟ ଦେଉଛି କାଠ କାରିଗରି

**କା**ଠରେ ତିଆରି ଘୋଡ଼ା, ହାତୀ, ଶୁଆ,ଶାରୀ, ବଗ, ଠେକୁଆ ଆଦି ମୂର୍ତ୍ତି ହେଉ କିମ୍ବା ବାଘ, ଭାଲୁ, ବଳଦ, ଘୋଡ଼ା, ସିଂହ ଆଦି ମୁଖା, ହେଉ ଅଥବା କାଠ ତିଆରି ବର ଓ କନିଆଁ, ରାଜାରାଣୀ କଣ୍ଢେଇ। ଏମିତି ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର କାଠତିଆରି ହସ୍ତଶିଳ୍ପ ତାଙ୍କୁ ଜଣେ କାଠଶିଳ୍ପୀର ପରିଚୟ ଦେଇଛି। ସେ ହେଲେ **କୈଳାସ ବେହେରା**। ସେ କୁହନ୍ତି, 'ପୁରୀ ଜିଲାର ସରସ୍ୱତୀପୁର ନିକଟସ୍ଥ ଦକ୍ଷିଣ ସାହି (ବରଦା ମାଳ )ରେ ଆମ ଘର। ପିଲାଦିନେ ସ୍କୁଲରେ ପଢା ସମୟରେ ଚକଖଡ଼ିରେ ବିଭିନ୍ନ ଚିତ୍ର ଅଙ୍କନ କରିବା ମୋର







ଅଭ୍ୟାସ ଥିଲା। ପରେ ପରେ ବିଭିନ୍ନ ମୂର୍ତ୍ତି ତିଆରିରେ ମନ ଦେଲି। ଯେତେବେଳେ ବି ସମୟ ପାଉଥିଲି କାଠଖଣ୍ଡେ ଧରି ମୂର୍ତ୍ତି ତିଆରି ଲାଗିପଡୁଥିଲି। +୨ ପଢିବା ସହିତ ମୋର ଏହି ମୂର୍ତ୍ତି ତିଆରି କାମ ଚାଲିଥାଏ।

ପରେ ଭାବିଲି ଏହାକୁ ନେଇ ମୁଁ ମୋର ପେସା କରିବି। ତେଣୁ ଟ୍ରେନିଂ ନେବା ପାଇଁ ଚିନ୍ତା କଲି। ୨୦୦୦ମସିହାଠାରୁ ୨୦୦୪ମସିହା ପର୍ଯ୍ୟନ୍ତ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନରେ ଟ୍ରେନିଂ ନେଲି। ଏଠାରେ ବିଭିନ୍ନ ବିଷୟ ଅନୁଯାୟୀ–କାଠରେ ରାଧାକୃଷ୍ଣ, ଶ୍ରୀଗଣେଶ, ମୟୂର ଆଦି ମୂର୍ତ୍ତି ତିଆରି କଲି। ଏଥିପାଇଁ ପାଳଧୁଆ, ଫାଶୀ ଓ ଗମ୍ଭାରୀ ଆଦି ଗଛର କାଠ ଆବଶ୍ୟକ ପଡ଼ିଥାଏ। ପ୍ରଥମେ କାଠକୁ ସାଇଜକରି କଟାଯାଇଥାଏ। ତା'ପରେ ସେହି କାଠ ଉପରେ ଆବଶ୍ୟକ ଚିତ୍ରକୁ ଅଙ୍କନ କରାଯାଇ ଥାଏ। ଏହାପରେ ଚିତ୍ର ରେଖାକୁ ନିହାଣରେ ଅତି ଯତ୍ନର ସହ କଟାଯାଇ ମୂର୍ତ୍ତି ତିଆରି କରାଯାଇଥାଏ। କାଠ ଖୋଦନ ବେଳେ କଳାକୃତି ପ୍ରତି ନଜର ରଖିବାକୁ ପଡ଼ିଥାଏ। ୨୦୦୫ ଠାରୁ ୨୦୦୯ ପର୍ଯ୍ୟନ୍ତ କଳାହାଣ୍ଡି ଜିଲା ଖଇରପଦରଠାରେ ମୁଁ ପ୍ରାୟ ୧୨୦ ଜଣ ଛାତ୍ରଙ୍କୁ କାଠଖୋଦେଇ କାରିଗରିର ତାଲିମ ଦେଇଥିଲି। କେନ୍ଦୁଝରରେ ୩୦ଜଣ ଆଦିବାସୀ ପିଲାଙ୍କୁ ମଧ୍ୟ ତାଲିମ ଦେଇଛି। ଆମେ ଆମର କାଠ କାରିଗରିକୁ ଓର୍‌ମାସ ସହ ରାଜ୍ୟ ଓ ଦେଶ ବାହାରକୁ ବି ପଠାଉଛୁ। ଏବେ ନିଜସ୍ୱ ଉଦ୍ୟମରେ ଏକ କାଠଶିଳ୍ପ ସେଣ୍ଟର ଖୋଲିଛି। ଏହି କାଠ କାରିଗରି ମୋତେ ପରିଚୟ ଦେବାସହ ଏଥିପାଇଁ ମୁଁ ବିଭିନ୍ନ ପୁରସ୍କୃତ ଓ ସମ୍ମାନିତ ହୋଇଛି।

## ହାଃ ହାଃ

### ବାଦାମ

ଜଣେ ଲୋକ ବାଦାମ ବିକ୍ରି କରୁଥିଲା ।
ପପୁ : ୟାକୁ ଖାଇଲେ କ'ଣ ହେବ ?
ବାଦାମ ବିକାଳୀ: ଭଲ ବୁଦ୍ଧି ହେବ ।
ପପୁ: କେମିତି ?
ବାଦାମ ବିକାଳୀ: ଆଚ୍ଛା କହିଲ ଦେଖି, ଗୋଟେ କିଲୋ ଚାଉଳରେ କେତେ ଦାନା ଥାଏ ।
ପପୁ: ଜାଣିନି ।
ବାଦାମ ବିକାଳୀ ପପୁକୁ ବାଦାମ ଖାଇବାକୁ ଦେଲା ।
ପପୁ ଖାଇବା ପରେ ବାଦାମ ବିକାଳୀ: ଏବେ କୁହନ୍ତୁ ଏକ ଡଜନ କଦଳୀରେ କେତୋଟି କଦଳୀ ଥାଏ ?
ପପୁ: ବାରୋଟି
ବାଦାମ ବିକାଳୀ: ଦେଖିଲେ, ସାଙ୍ଗେ ସାଙ୍ଗେ ମସ୍ତିଷ୍କ ସକ୍ରିୟ ହେଇଗଲା । ଆଉ ଠିକ୍ ଉତ୍ତର କହିଲେ ।

### ଟିପନ୍ତୁ

ରାଜେଶ ଫୋନରେ ଜଣେ ଗ୍ରାହକଙ୍କୁ: ଆମେ ଏକ ମୋବାଇଲ ମ୍ୟାରେଜ ବ୍ୟୁରୋ ଖୋଲିଛୁ । ବିବାହ ପ୍ରସ୍ତାବର ଆବଶ୍ୟକ ଥିଲେ ୧ ଟିପନ୍ତୁ, ନିର୍ବନ୍ଧ ପାଇଁ ୨ ଟିପନ୍ତୁ ଓ ବିବାହ ପାଇଁ ୩ ଟିପନ୍ତୁ ।
ଗ୍ରାହକ: ତେବେ ଦ୍ୱିତୀୟ ବିବାହ ପାଇଁ କ'ଣ ଟିପିବି ?
ରାଜେଶ: ପ୍ରଥମ ସ୍ତ୍ରୀର ଗଳା ।

### କେତେଟା

ସ୍ତ୍ରୀ ହାତରେ ବେଲଣା ବାଡ଼ି ଧରି ସ୍ୱାମୀଙ୍କୁ: ଦୁଇଟା ଖାଇବ ନା ତିନିଟା ଖାଇବ ?
ସ୍ୱାମୀ ଡ଼ରିକି: ଆରେ କ୍ଲିୟର୍ କରିକି କୁହ କ'ଣ ?
ସ୍ତ୍ରୀ: କ'ଣ କ୍ଲିୟର କରିବି ? ମୁଁ ତ ପଚାରୁଛି କେତେଟା ରୁଟି ଖାଇବ ।
ସ୍ୱାମୀ: ଓଃ..ତମେ ଯେମିତି ବେଲଣା ବାଡ଼ି ଧରିକି ପଚାରୁଛ, ମୁଁ ଭାବିଲି ମାଡ଼ ।

### ରକ୍ତ

ସ୍ତ୍ରୀ ସ୍ୱାମୀଙ୍କୁ: ତମେ ବିଟ୍ ଖାଅ ।
ସ୍ୱାମୀ: କାହିଁକି ?
ସ୍ତ୍ରୀ: ବିଟ୍ ଖାଇଲେ ରକ୍ତ ଭଲ ଲାଲ ଓ ଗାଢ ହେଇଥାଏ ।
ସ୍ୱାମୀ: ଓଃ.. ତମେ ଏବେ ରକ୍ତ ବି ହାଇ କ୍ୱାଲିଟିର ପିଇବାକୁ ଚାହୁଁଛ ?





# ସମୁଦ୍ର ମଝିରେ ଧାନ ଅମାର

ବଙ୍ଗୋପସାଗର ମଝିରେ ରହିଛି ଜମ୍ବୁ ନାମରେ ଛୋଟ ଦ୍ୱୀପ ଟିଏ । ଏହା ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ସାମୁଦ୍ରିକ ଅଞ୍ଚଳ । ଭୁବନେଶରରୁ ପ୍ରାୟ ଶହେ କିଲୋମିଟର ଦୂରରେ ଅବସ୍ଥିତ ଏହି ଦ୍ୱୀପର ରହିଛି ବ୍ରିଟିଶ ଶାସନ ସମୟର ବୃହତ ଧାନ ଅମାର ଟିଏ ।

ଇତିହାସ କହେ ଏହି ଅମାରଟି କାଳେ ୧୮୬୬-୬୭ ମସିହା ବେଳକୁ ଅର୍ଥାତ୍ ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଦ୍ୱୀପାଞ୍ଚଳରେ ଟାପୁର ବିସ୍ତୀର୍ଣ୍ଣ ଭୂଭାଗ ଉପରେ ଖାଦ୍ୟ ଶସ୍ୟ ଏବଂ ପାନୀୟ ଜଳକୁ ସଂରକ୍ଷଣ କରି ରଖିବା ଏବଂ ପରବର୍ତ୍ତୀ ସମୟରେ ତିରୋଟ କାଳରେ ସ୍ଥାନୀୟ ଲୋକଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇଦେବା ପାଇଁ ତତ୍କାଳୀନ ଓଡ଼ିଶାରେ ସ୍ଥାପିତ ବ୍ରିଟିଶ ଜଳସେଚନ ଇଞ୍ଜିନିୟର ମି: ହକି ୱାକର୍ ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିଲା । ଏହି ଅମାରଟି ବଡ଼ ବଡ଼ ପଥର ଖଣ୍ଡରେ ଚାରି ପଟରୁ ଖୁବ ସଶକ୍ତ କରି ନିର୍ମାଣ କରାଯାଇଥିଲା । ଇଉରୋପୀୟ ସ୍ଥାପତ୍ୟ ଶୈଳୀରେ ନିର୍ମିତ ୭୦୦୦ ବର୍ଗ ଫୁଟ ମାପର ଭୂମି ଉପରେ ଗଢ଼ା ଏହି ଅମାରରେ ରହିଛି ଛଅଟି ଚତୁଃଷ୍କୋଣୀୟ ବଡ଼ ବଡ଼ ଗୋଦାମ ଘର । ତହିଁରୁ ତିନୋଟି ପରସ୍ପର ସହିତ ଭିତର ପଟରେ ଆହୁରି ଛୋଟ ଛୋଟ ଅମାର ଘର ସହ ସଂଯୁକ୍ତ । କୁହାଯାଏ ଯେ ଏହି ଅମାର ତିଆରିରେ ବ୍ୟବହୃତ ହୋଇଥିବା ପଥର ଗୁଡ଼ିକ କଟକର ବାରବାଟୀ ଦୂର୍ଗ ଏବଂ ବାରଙ୍ଗର ଚୁଡଙ୍ଗ ଗଡ଼ ଦୁର୍ଗରୁ ଅଣା ଯାଇଥିଲା । ଅମାର ଘରର କାନ୍ଥ ଗୁଡ଼ିକର ପ୍ରସ୍ଥ (ମୋଟେଇ) ଦୁଇରୁ ତିନି ଫୁଟ ଭିତରେ ହେବ । କାନ୍ଥର ପଥର ଗୁଡ଼ିକର ରଙ୍ଗ ମଧ ଭିନ୍ନ ଭିନ୍ନ ଯେମିତି ଧଳା, ନୀଳ, କଳା ଓ ସବୁଜ ରଙ୍ଗର । ପଥର ଗୁଡ଼ିକ ଚୂନ ଓ ଖଡ଼ି ପଥରରେ ଯୋଡ଼େଇ କରି ଗଢ଼ା ହୋଇଛି । ଅମାର ଘରର ଛାତଟି କଡି ବରଗା (ମାଟିଇଟା,କାଠ,ଲୁହା ବିମ୍)ରେ ତିଆରି ହୋଇଛି ।

ଗୋଦାମ ଘର ସାମ୍ନାରେ ରହିଛି ନଅ କୋଣିଆ ବିରାଟ ବାରଣ୍ଡା ଟିଏ, ଯାହା ଅମାର ଘରକୁ ଏକ ସ୍ୱତନ୍ତ୍ର ପ୍ରଭାବଶାଳୀ ସ୍ଥାପତ୍ୟ ଭାବରେ ଉପସ୍ଥାପିତ କରୁଛି । ବିରାଟ ବାରଣ୍ଡାର ଶେଷ ଦୁଇ ମୁଣ୍ଡରେ ବାର ଫୁଟ ଗଭୀରର ଦୁଇଟି କୂପ (ବର୍ଷା ଜଳକୁ ପିଇବା ଯୋଗ୍ୟ କରି ସାଇତି ରଖିବା ପାଇଁ ଗାତ) ରହିଛି । ଘରର ଛାତଟି ବାରଣ୍ଡା ଆଡ଼କୁ ଢାଲୁ (ଗଡାଣିଆ) କରି ତିଆରି କରାଯାଇଛି ଯେମିତିକି ବର୍ଷା ଜଳ ଗଡ଼ି ଗଡ଼ି ଯାଇ ଛାତର ଶେଷ ମୁଣ୍ଡରେ ଲାଗି ରହିଥିବା ଲୁହା ପାଇପ୍ ମଧ ଦେଇ ସେଇ ଦୁଇଟି କୂଅରେ ପଡ଼ିବ ଏବଂ ସେହି ସଂରକ୍ଷିତ ଜଳକୁ ପିଇବା ଯୋଗ୍ୟ କରି (ଛାଣି) ବ୍ୟବହାର କରାଯାଇପାରିବ । ଏଇ କୂପ ଦୁଇଟିର ଜଳ ହିଁ ସେ ସମୟରେ ଏଠାକୁ ଆସୁଥିବା ନାବିକ ଏବଂ ଜାହାଜର ଅନ୍ୟ କର୍ମଚାରୀମାନଙ୍କ ପାଇଁ ଏକ ମାତ୍ର ମଧୁର ପାନୀୟ ଜଳର ସ୍ରୋତ ଥିଲା । ଏହା ତତ୍କାଳୀନ ଓଡ଼ିଶାର ଏକ ବିଶିଷ୍ଟ ସ୍ଥାପତ୍ୟ ରୂପେ ବିବେଚିତ ହୁଏ ।

ଏହି ଅମାରଟି ତିଆରି କରିଥିବା ଇଞ୍ଜିନିୟର ହକି ୱାକର୍‌ଙ୍କ ନାମାନୁସାରେ ଏହାର ନାମକରଣ ହୋଇଥିଲା ହକି ଟୋଲା ବା ହକି ଟାପୁ ; ଯାହା ପରବର୍ତ୍ତୀ ସମୟରେ ଅପଭ୍ରଂଶ ହୋଇ ହୁକି ଟୋଲା ନାମରେ ପରିଚିତ ହେଲା । ସମୁଦ୍ର ମଝିରେ ଥିବା ଏହି ଅଗମ୍ୟ ସ୍ଥାନକୁ ଖୁବ କମ ଲୋକ ଯିବା ଆସିବା କରୁଥିଲେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରାୟ ନିର୍ଜନ ହୋଇଯାଇଥିବା ସେହି ସ୍ଥାନଟି ଉପରେ ସରକାରଙ୍କର ଶୁଭ ଦୃଷ୍ଟି ପଡ଼ିଲା ।

ସାମୁଦ୍ରିକ ମାଧ୍ୟମରେ ବ୍ୟବସାୟ କରୁଥିବା ବ୍ୟବସାୟିକ ସଂସ୍ଥାମାନେ ସେଇ ହୁକିଟୋଲା ଦ୍ୱୀପର ଅମାର ଘରକୁ ନିଜ ମାଲମତାର ଅସ୍ଥାୟୀ ଗୋଦାମ ଘର ରୂପେ ବ୍ୟବହାର କଲେ ।

ସମୟ କ୍ରମେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ହେଲା, ରାସ୍ତା ଘାଟର ସଂଯୋଗ ହେଲା ସେଠାକୁ । ଦ୍ୱୀପ ନିକଟରେ ରେଳଷ୍ଟେସନର ବ୍ୟବସ୍ଥା ହେଲା । ୨୦୧୫ ମସିହାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ବିଭାଗ ପକ୍ଷରୁ ଏହି ସ୍ଥାନଟିର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଇଣ୍ଡିଆନ୍ ନ୍ୟାସନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚ୍ରାଲ୍ ହେରିଟେଜ୍ ଏହାର ଦାୟିତ୍ୱରେ ରହିବା ପରେ ବର୍ତ୍ତମାନ ସମୟରେ ହୁକିଟୋଲା ଦ୍ୱୀପ କେବଳ କେନ୍ଦ୍ରାପଡ଼ା ଜିଲ୍ଲାର କି ଓଡ଼ିଶାର ନୁହେଁ ବରଂ ଭାରତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ ।

-**ସୁଷମା ପରିଜା,** *ଶାରଳା ଭବନ,*
*ପୋତା ପୋଖରୀ, କଟକ-୪, ମୋ:୯୩୩୭୨୭୨୬୪୭*








# ପେଓରା









**ଉତ୍ତରାଖଣ୍ଡର ନୈନିତାଲ ନିକଟବର୍ତ୍ତୀ ଏକ ଛୋଟ ଗାଁ ହେଉଛି ପେଓରା। ଏଠାରେ ସବୁଜ ବନାନୀରେ ପରିପୂର୍ଣ୍ଣ ଉଚ୍ଚ ଉଚ୍ଚ ପାହାଡ଼ର ସୌନ୍ଦର୍ଯ୍ୟ, ତା'ସାଙ୍ଗକୁ ଭସା ବାଦଲର ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ଜନଗହଳିଠାରୁ ଦୂରରେ ଥିବା ଏହି ସ୍ଥାନର ଶାନ୍ତ ମନୋରମ ପରିବେଶରେ କିଛି ସମୟ ବିତାଇଦେଲେ ବେଶ୍ ଖୁସି ହୋଇଯାଏ ମନ। ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୁଏ...**

ପେଓରା ହେଉଛି ଉତ୍ତରାଖଣ୍ଡର ନୈନିତାଲ ନିକଟବର୍ତ୍ତୀ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାକାର ଶାନ୍ତ ବାତାବରଣ ସାଙ୍ଗକୁ ମନୋରମ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କୁ ଏହି ସ୍ଥାନଟି ଯେମିତି ସ୍ୱର୍ଗସୁଖ ଦେଇଥାଏ। ପର୍ଯ୍ୟଟକ ଜାତିଜାତିକା ପକ୍ଷୀ ଦେଖିବା ସହ ଏଠାରେ ଥିବା ଫଳବଗିଚା ବୁଲିବାର ନିଆରା ଅନୁଭୂତି ବି ସାଉଁଟିପାରିବେ। ଖାସ୍ ଏହିସବୁ କାରଣ ପାଇଁ ପିକ୍‌ନିକ୍ ଋତୁରେ ଏଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ।

**ପେଓରାର ଆକର୍ଷଣ**

ପର୍ଯ୍ୟଟକଙ୍କ ମନକୁ ଆକର୍ଷିତ କରିବା ପାଇଁ ପେଓରାରେ ଯଥେଷ୍ଟ ଆମୋଦପ୍ରମୋଦର ସୁବିଧା ରହିଛି। ଯେମିତିକି:

⁕ **ପକ୍ଷୀ ବିହାର:** ପେଓରାର ସବୁଜ ବନାନୀରେ ଜାତିଜାତିକା ପକ୍ଷୀଙ୍କୁ ଦେଖିବାର ମଜା ସତେ ଯେମିତି ବେଶ୍ ମନୋରମ ଲାଗେ। ଆଉ ସେମାନଙ୍କର କିଚିରିମିଚିରି ଶବ୍ଦ ତ ମନକୁ ମୁଗ୍ଧ କରିଦିଏ। ପକ୍ଷୀପ୍ରେମୀଙ୍କ ପାଇଁ ପେଓରା ଯେମିତି ଏକ ଅପୂର୍ବ ସ୍ଥାନ ; ଯେଉଁଠାରେ ସେମାନେ ମନଭରି ଜାତିଜାତିକା ପକ୍ଷୀଙ୍କୁ ଦେଖିବା ସହ ତାଙ୍କ ବିଷୟରେ ବହୁ ତଥ୍ୟ ବି ଜାଣିପାରିବେ।

⁕ **ଟ୍ରେକିଂ:** ଏଠାରେ ପ୍ରାୟତଃ ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୁଏ। ମନ୍ତ୍ରମୁଗ୍ଧ କରି ଦେଲା ଭଳି ପେଓରାର ପ୍ରାକୃତିକ ବାତାବରଣ ତଥା ପାହାଡ଼ର ଆବଡ଼ା ଖାବଡ଼ା ରାସ୍ତା ଦେଇ ଟ୍ରେକିଂ କରି ଯିବାବେଳେ ବେଶ୍ ରୋମାଞ୍ଚକର ଲାଗିଥାଏ। ସବୁଠୁ ଖାସ୍ କଥା ହେଉଛି ଏହି ସ୍ଥାନରୁ ବରଫାବୃତ୍ତ ହିମାଳୟ ପର୍ବତର ଅପୂର୍ବ ଶୋଭାକୁ ଦେଖିବା ବି ଖୁବ୍ ମନୋରମ ଲାଗିଥାଏ। ଟ୍ରେକିଂ କରି କରି ଏହି ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସତରେ ଖୁବ୍ ଆଖିଦୃଶିଆ ହୋଇଥାଏ।

⁕ **ପିକ୍‌ନିକ୍:** ପେଓରାର ସୌନ୍ଦର୍ଯ୍ୟମୟ ବାତାବରଣ ପାଇଁ ଏହାକୁ ପିକ୍‌ନିକ୍ ସ୍ପଟ୍‌ର ମାନ୍ୟତା ବି ମିଳିଛି। ଏଠାକାର ସୌନ୍ଦର୍ଯ୍ୟମୟ ପରିବେଶରେ ବସି ନିଜ ପ୍ରିୟଜନମାନଙ୍କ ସହ ସମୟ ବିତାଇବା ତଥା ଖାଇବା ପିଇବାର ଆନନ୍ଦ ନେବା ବି ପର୍ଯ୍ୟଟକଙ୍କୁ ଏଠି ନିଆରା ଅନୁଭୂତି ଦେଇଥାଏ।

⁕ **ଫଳବଗିଚା:** ପେଓରା ହେଉଛି ଏମିତି ଏକ ସ୍ଥାନ ; ଯେଉଁଠାରେ ନାନା ପ୍ରକାର ସୁସ୍ୱାଦୁ ଫଳ ମିଳିଥାଏ। ସ୍ୱତନ୍ତ୍ର ଫଳ ବଗିଚା ବି ଏଠାରେ ରହିଛି। ସେଓ, ଆପ୍ରିକଟ୍, ପ୍ଲମ୍ ଏଠାରେ ଭଲ ଚାଷ ହୋଇଥାଏ ବୋଲି ସୂଚନା ରହିଛି। ପର୍ଯ୍ୟଟକ ଚାହିଁଲେ ଏହି ବଗିଚାଗୁଡ଼ିକୁ ବୁଲିଯିବା ସହ ବେଶ୍ ସୁଲଭ ଦରରେ ଏଠାରୁ ସୁସ୍ୱାଦୁ ତାଜା ଫଳ ବି କିଣି ଆଣିପାରିବେ।

**କେବେ ଯିବେ**

ଏଠାକୁ ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଖରାଦିନ ଓ ଶୀତଦିନ ବିଶେଷକରି ଡିସେମ୍ବର ପର୍ଯ୍ୟନ୍ତ ଏଠାକୁ ଯିବା ଠିକ୍ ହୋଇଥାଏ। କାରଣ ତା'ପରେ ଏଠାରେ ଭୀଷଣ ଥଣ୍ଡା ଅନୁଭୂତ ହେବା ସହ ତୁଷାରପାତ ହୋଇ ବେଳେବେଳେ ରାସ୍ତାଘାଟ ବନ୍ଦ ହୋଇଯିବାର ପରିସ୍ଥିତି ଉପୁଜିଥାଏ। ସେହିପରି ବର୍ଷା ଏଠାରେ ପ୍ରବଳ ହେଉଥିବାରୁ ବର୍ଷାଦିନେ ଏଠାକୁ ବୁଲିଯିବାକୁ ପ୍ରାୟତଃ ପସନ୍ଦ କରନ୍ତି ନାହିଁ।

**କେମିତି ଯିବେ**

କାଠଗୋଦାମ ହେଉଛି ପେଓରାର ନିକଟବର୍ତ୍ତୀ ମୁଖ୍ୟ ରେଳଷ୍ଟେଶନ। ସେହିପରି ପନ୍ତନଗର ହେଉଛି ଏଠାକାର ନିକଟବର୍ତ୍ତୀ ପ୍ରମୁଖ ବିମାନବନ୍ଦର। ଏହାଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ନୈନିତାଲକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ସେଠାରୁ ଟ୍ୟାକ୍ସି ସାହାଯ୍ୟରେ ଜଣେ ଆରାମରେ ଯାଇ ପେଓରାରେ ପହଞ୍ଚିପାରିବେ।

**କିଛି ତଥ୍ୟ**

– ଏଠାରେ ସେମିତି କିଛି ବଡ଼ ବଜାରର ସୁବିଧା ନାହିଁ। ତେଣୁ ପର୍ଯ୍ୟଟକ ନିଜ ସୁବିଧା ପାଇଁ ଆବଶ୍ୟକ ଜିନିଷ ସାଥିରେ ନେଇକି ଯିବା ଉତ୍ତମ ବିକଳ୍ପ ହୋଇପାରେ।

– ଖାଇବା ପିଇବା ପାଇଁ ବି ବଡ଼ ରେଷ୍ଟୁରାଣ୍ଟର ବ୍ୟବସ୍ଥା ବି ଏଠି ନାହିଁ। କିନ୍ତୁ କଟେଜ୍‌ରେ ରହିବାର ସୁବିଧା ଏଠାରେ ଥିବାରୁ ପର୍ଯ୍ୟଟକ ସେହି କଟେଜ୍ ମାଲିକମାନେ ଯାହା ଖାଇବାକୁ ଦେବେ ତାହାକୁ ହିଁ ଖାଇପାରିବେ। ନଚେତ୍ ନିଜ ସାଙ୍ଗରେ କିଛି ଖାଦ୍ୟପଦାର୍ଥ ବି ନେଇପାରିବେ।

# ଲିପ୍‌ଷ୍ଟିକ୍






**ଲିପ୍‌ଷ୍ଟିକ୍ ବିନା ନାରୀଙ୍କ ଶୃଙ୍ଗାର ଅଧୁରା। ଚେହେରାରେ ଯେତେ ଯାହା ଲଗାଇଲେ ବି ଯଦି ଓଠରେ ଲିପ୍‌ଷ୍ଟିକ୍ ନାହିଁ ତ ମେକ୍‌ଅପ୍ ଲାଗେ ଫିକା ଫିକା । ଲିପ୍‌ଷ୍ଟିକ୍ ଲଗାଇବା ପରେ ଯାଇ ମେକ୍‌ଅପ୍ ହୁଏ ସମ୍ପୂର୍ଣ୍ଣ । ସେଥିପାଇଁ ତ ମହିଳାମାନଙ୍କର ଏହା ଖୁବ୍ ପ୍ରିୟ। ତେବେ ଜାଣନ୍ତି କି ଏହାର ଇତିହାସ କ'ଣ? ସେ ସମ୍ପର୍କରେ କିଛି...**

ଲିପ୍‌ଷ୍ଟିକ୍‌ର ଇତିହାସ ସମ୍ପର୍କରେ ଠିକ୍ ତଥ୍ୟ ମିଳେନା। ତେବେ କିଛି ତଥ୍ୟାନୁସାରେ ପ୍ରାୟ ୫୦୦୦ ବର୍ଷ ପୂର୍ବେ ପୃଥିବୀର ସବୁଠାରୁ ପ୍ରାଚୀନ ସଭ୍ୟତାଭାବେ ପରିଚିତ ସୁମେରୀୟ ସଭ୍ୟତାର ପୁରୁଷ ଓ ମହିଳାମାନେ ଦାମୀ ରତ୍ନକୁ ଗୁଣ୍ଡ କରି ଓଠରେ ଲଗାଉଥିଲେ। ତା'ସହ ଫଳ ଓ ପତ୍ରକୁ ପେଷ୍ଟ କରି ବି ଓଠରେ ଲଗାଉଥିଲେ।

ଏହାବାଦ୍ ଆଉ କିଛି ତଥ୍ୟାନୁସାରେ ସିନ୍ଧୁସଭ୍ୟତାରେ ମହିଳାମାନେ ଗେରୁର ଆୟତାକାର ଖଣ୍ଡକୁ ଲିପ୍‌ଷ୍ଟିକ୍ ଭାବେ ବ୍ୟବହାର କରୁଥିଲେ। ମହର୍ଷି ବାତ୍ସାୟନଙ୍କ ଦ୍ୱାରା ରଚିତ ଭାରତର ପ୍ରାଚୀନ କାମଶାସ୍ତ୍ର, କାମସୂତ୍ରରେ ବି ଲାଲରଙ୍ଗର ଲାଖ ଓ ମହମରେ ତିଆରି ରଙ୍ଗରେ ଓଠକୁ ରଙ୍ଗେଇବାର ବର୍ଣ୍ଣନା ରହିଛି।

କୁହାଯାଏ ଅଷ୍ଟ୍ରେଲିଆର ଆଦିବାସୀ ଝିଅମାନେ ଶୃଙ୍ଗାର ପାଇଁ ଚେହେରାକୁ ଗେରୁରେ ରଙ୍ଗାଉଥିଲେ। ଅନ୍ୟପକ୍ଷେ ଏହା ବି ଜଣାପଡ଼ିଛି ଯେ, ଇଜିପ୍ଟରେ ମହିଳାମାନେ ଏକପ୍ରକାରର ପୋକକୁ ମାରି ଓଠକୁ ଲାଲ ରଙ୍ଗରେ ରଙ୍ଗାଉଥିଲେ। ମିଶରରେ ତ ଶକ୍ତିଶାଳୀ ଓ ଧନୀ ମହିଳାମାନେ ହିଁ ଲିପ୍‌ଷ୍ଟିକ୍‌ର ବ୍ୟବହାର କରୁଥିଲେ। ମିଶରରେ କୋଚିନଲ ପୋକରୁ କାରାମାଇନ ଡାଇ ବାହାର କରି ଲିପ୍‌ଷ୍ଟିକ୍‌ରେ ବ୍ୟବହାର କରୁଥିଲେ। ଏବେ ବି ଲିପ୍‌ଷ୍ଟିକ୍ ଓ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀରେ କାରମାଇନ ଡାଇର ବ୍ୟବହାର ହେଉଛି। ଏହାବାଦ୍ ଏହା ବି କୁହାଯାଏ ମିଶରରେ ଲିପ୍‌ଷ୍ଟିକ୍ ତିଆରି କରିବା ପାଇଁ ଲିଡ୍ ଓ ବ୍ରୋମାଇନ ମାନାଇଟ ଓ ଆୟୋଡିନ ଭଳି ସ୍ୱାସ୍ଥ୍ୟପ୍ରତି ହାନିକାରକ ପଦାର୍ଥର ବ୍ୟବହାର କରାଯାଉଥିଲା।
ଅଷ୍ଟମ ଓ ନବମ ଶତାବ୍ଦୀରେ ଅବୁଲ କାସିମ ଅଲ ଜହରବୀ ନାମକ ଜଣେ ହକିମ, ଯାହାଙ୍କୁ ମଧ୍ୟଯୁଗର ବଡ଼ ସର୍ଜନ ଭାବେ ଗଣନା କରାଯାଏ, ସେ ଓଠକୁ ସୁରକ୍ଷିତ ରଖିବା ପାଇଁ ଏକ ପ୍ରକାରର ଶକ୍ତ ଲିପ୍‌ଷ୍ଟିକ୍ ତିଆରି କରିଥିଲେ। ହେଲେ ଏହାକୁ ସାମାଜିକ ମାନ୍ୟତା ମିଳି ନ ଥିଲା।



ବିଶ୍ୱାସ କରାଯାଏ ମହମର ଲିପ୍‌ଷ୍ଟିକ୍ ୧୦୦୦ ବର୍ଷ ପୂର୍ବେ ଚାଇନାରେ ଆରମ୍ଭ ହୋଇଥିଲା। ଓଠର ନରମ ତ୍ୱଚାକୁ ରକ୍ଷା କରିବା ପାଇଁ ସେମାନେ ମହମରେ ଲିପ୍‌ଷ୍ଟିକ ତିଆରି କରିଥିଲେ। ଜାପାନରେ ମହିଳାମାନେ ହେଭି ମେକ୍‌ଅପ୍ ସହ ଟାର୍ ଓ ବି' ୱାକ୍ସରେ ତିଆରି ଡାର୍କ ଲିପ୍‌ଷ୍ଟିକ୍ ଲଗାଉଥିଲେ। ତେବେ ଗ୍ରୀକ୍ ସାମ୍ରାଜ୍ୟରେ ଲିପ୍‌ଷ୍ଟିକ୍ ଲଗାଇବାକୁ ବେଶ୍ୟାବୃତ୍ତି ସହ ଯୋଡା ଯାଉଥିଲା। ୟୁରୋପରେ ବି ଲିପ୍‌ଷ୍ଟିକ୍ ଲଗାଇବା ଖରାପ ବୋଲି କୁହାଯାଉଥିଲା। ଏଠାକାର ଲୋକେ ଲିପ୍‌ଷ୍ଟିକ୍ ଲଗାଉଥିବା ମହିଳାଙ୍କୁ ଡାହାଣୀ ବୋଲି ମଣୁଥିଲେ ଓ ଲିପଷ୍ଟିକ ଉପରେ କଟକଣା ଲଗାଯାଇଥିଲା। ଇଂଲଣ୍ଡରେ ଲିପ୍‌ଷ୍ଟିକ୍‌ର ଲୋକପ୍ରିୟତା ସେତେବେଳେ ବଢିଲା ଯେବେ ଷୋଡ଼ଶ ଶତାବ୍ଦୀରେ ଇଂଲଣ୍ଡର ରାଣୀ ଏଲିଜାବେଥ ନିଜ ଓଠକୁ ଲାଲ ରଙ୍ଗରେ ରଙ୍ଗାଇବା ଆରମ୍ଭ କଲେ। ଏହି ଲାଲରଙ୍ଗର ଲିପ୍‌ଷ୍ଟିକ୍ ମହମ ଓ ଫୁଲରଙ୍ଗକୁ ମିଶାଇ ତିଆରି କରାଯାଉଥିଲା। ହେଲେ ଏହା ସାଧାରଣ ମହିଳାଙ୍କ ପାଇଁ ନ ଥିଲା। ଏହା କେବଳ କିଛି ଧନୀକ ମହିଳା ଏବଂ ଅଭିନେତ୍ରୀଙ୍କ ପର୍ଯ୍ୟନ୍ତ ସୀମିତ ଥିଲା।

୧୮୭୦ ମସିହାରେ ଇରାନ, ପର୍ସିଆର ମାଇସନ୍ ଗୁଏର୍ଲେନ୍ ପ୍ରଥମ ଲିପ୍‌ଷ୍ଟିକ୍ ତିଆରି କରିଥିଲେ। ତା'ସହ ଲିପ୍‌ଷ୍ଟିକ୍‌କୁ ବହୁଳ ମାତ୍ରାରେ ପ୍ରସ୍ତୁତ କରିବାର ଭାର ସର୍ବପ୍ରଥମେ ଊନବିଂଶ ଶତାବ୍ଦୀର ଅନ୍ତରେ ଗୁଏଲେନ୍ ହିଁ ଉଠାଇଥିଲେ। ଏହି ଲିପ୍‌ଷ୍ଟିକ୍ ହରିଣର ଚର୍ବି, ମହୁମାଛି ୱାକ୍ସ ଓ ଜଡ଼ାତେଲ ମିଶାଇ ତିଆରି କରାଯାଉଥିଲା ଓ ଏକ ରେଶମର କାଗଜରେ ଗୁଡାଯାଉଥିଲା। ୧୯୨୦ ମସିହାବେଳକୁ ଲିପ୍‌ଷ୍ଟିକ୍ ମହିଳାଙ୍କ ଜୀବନର ଅଙ୍ଗ ପାଲଟିଗଲା। ଏହା ପରେ ଆସିଲା ଆଧୁନିକ ଲିପଷ୍ଟିକର ଯୁଗ। ୧୯୨୩ ମସିହାରେ ଜେମ୍ସ ବ୍ରୁସ୍ ମେସନ ଜୁନିୟର ସ୍ୱିଭେଲ ଟ୍ୟୁବ ତିଆରି କରି ଲିପ୍‌ଷ୍ଟିକ୍‌କୁ ନୂଆ ରୂପ ଦେଇଥିଲେ। ସାରା ପୃଥିବୀରେ ଲିପ୍‌ଷ୍ଟିକକୁ ଲୋକପ୍ରିୟ କରାଇବାର ଶ୍ରେୟ ଗ୍ରେସ୍ କେଲୀ, ମର୍ଲିନ ମୁନରୋ, ଆଡ୍ରେ ହେପବର୍ନ, ଏଲିଜାବେଥ ଟେଲର ଭଳି ହଲିଉଡ୍ ଗ୍ଲାମ ଆଇକନ୍‌ଙ୍କୁ ଦିଆଯାଏ। ଏହାପରେ ଧୀରେ ଧୀରେ ଲିପ୍‌ଷ୍ଟିକ୍ ସାରା ପୃଥିବୀର ମହିଳାଙ୍କର ଏହା ଏକ ମୁଖ୍ୟ ପ୍ରସାଧନ ସାମଗ୍ରୀ ପାଲଟିଗଲା।

# ସାତ ପୃଷ୍ଠାର ନାଁ

ସବୁ ମଣିଷଙ୍କର ନାଁ ଥାଏ। କାହାର ନାଁ ଦେବୀଦେବତାଙ୍କୁ ନେଇ ଦିଆଯାଇଥାଏ ତ କାହା ନାଁ ଫୁଲ, କୌଣସି ସ୍ଥାନ ଅବା ବସ୍ତୁ ଅନୁସାରେ ବି ଦିଆଯାଇଥାଏ। ଆଉ ଏଇ ନାଁ ହିଁ ତା'ର ପରିଚୟ। ସମସ୍ତେ ତାଙ୍କୁ ସେଇ ନାଁରେ ଜାଣନ୍ତି ଓ ସେଇ ନାଁରେ ଡାକନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ନ୍ୟୁଜିଲାଣ୍ଡର ଜଣେ ବ୍ୟକ୍ତିଙ୍କ ନାଁ ଏତେ ଲମ୍ବା ଯେ, ପୂରା ନାଁକୁ କେହି ବି ମନେରଖିପାରିବେ ନାହିଁ। ଭାବୁଥିବେ ଏହା କେମିତି ସମ୍ଭବ ବୋଲି। ତେବେ ପ୍ରକୃତ କଥା ହେଲା ତାଙ୍କ ପୂରା ନାଁ ୨୨୫୩ଟି ଅଦ୍ଭୁତ ଶବ୍ଦର ସମାହାର। ଆଉ ଏହାକୁ କାଗଜରେ ଉତାରିଲେ ସାତପୃଷ୍ଠା ଭର୍ତ୍ତି ହୋଇଯାଏ। ଏତେ ଲମ୍ବା ନାଁକୁ ଭଲା କିଏ ମନେ ରଖିପାରିବ? ତେଣୁ ସମସ୍ତେ ତାଙ୍କୁ ଶର୍ଟକଟ୍‌ରେ ଲରେନ୍ସ ୱାଟକିନ୍ସ ଡାକନ୍ତି। ଏଥି ପାଇଁ ସେ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସବୁଠାରୁ ଲମ୍ବା ନାଁଥିବା ବ୍ୟକ୍ତି ଭାବେ ସ୍ଥାନ ପାଇଛନ୍ତି। ନାଁର ଲମ୍ବକୁ ନେଇ ପୂର୍ବେ ନ୍ୟୁଜିଲାଣ୍ଡରେ କୌଣସି ଆଇନ ନ ଥିଲା। ତେଣୁ ସେ ନିଷ୍ପତ୍ତି ନେଇଥିଲେ ନିଜ ନାଁକୁ ଲମ୍ବା କରି ୱାର୍ଲ୍ଡ ରେକର୍ଡ କରିବେ। ତେଣୁ ନିଜ ନାଁ ସେ ନିଜେ ବିଭିନ୍ନ ଶବ୍ଦକୁ ବାଛି ରଖିଥିଲେ। ସହରର ଏକ ପାଠାଗାରରେ ସେ କାମ କରୁଥିଲେ। ତେଣୁ ଏହି କାମ ତାଙ୍କ ପାଇଁ ସହଜ ହୋଇଥିଲା। ପାଠାଗାରର ବହିଗୁଡିକରୁ ସେ ବିଭିନ୍ନ ନାଁ ବାଛିଥିଲେ। ତା'ପରେ ସେଗୁଡ଼ିକୁ ବର୍ଣ୍ଣମାଳାର କ୍ରମାନୁସାରେ ସଜାଇଲେ। ତାଙ୍କ ନାଁ 'ଲରେନ୍ସ ଅଲୋନ ଅଲାଁୟସ ଅଲାଁୟସିୟସ ଅଲ୍ଲେଞ୍ଜ ଅଲୁନ ଅଲୁରେଡ ଅଲ୍‌ଭିନ ଏଲିସ୍ୟାଣ୍ଡର ଏମ୍ବି ଏମ୍ବ୍ରୋସ୍'ରୁ ଆରମ୍ଭ ହୁଏ। ନାଁ ବଦଳେଇବା ପାଇଁ ତାଙ୍କୁ ବହୁତ ଖର୍ଚ୍ଚ କରିବାକୁ ପଡ଼ିଥିଲା। ତା'ସହ ଏହି ପ୍ରକ୍ରିୟା ଏତେ ସହଜ ବି ନ ଥିଲା। ଡିଷ୍ଟ୍ରିକ୍ଟ କୋର୍ଟ ତ ତାଙ୍କ ଆବେଦନ ମଞ୍ଜୁର କରିନେଇଥିଲେ। ହେଲେ ଡ୍ରାଇଭିଂ ଲାଇସେନ୍ସ ଅପଡେଟ୍ କଲାବେଳେ କ୍ଲର୍କ ତାଙ୍କ ନାଁ ଆଇନତଃ ମଞ୍ଜୁରୀ ପାଇଥିବା ନାଁ ବୋଲି ବିଶ୍ୱାସ କରି ନ ଥିଲେ। ରେଜିଷ୍ଟ୍ରାର ଜେନେରାଲ୍ ଏହାକୁ ବେକାର କହି ଖାରଜ କରିଦେଇଥିଲେ। ଲରେନ୍ସ ଶେଷରେ ହାଇକୋର୍ଟରେ ଅପିଲ କରିଥିଲେ। ଆଉ ଜଜ୍ ଲରେନ୍ସଙ୍କ ପକ୍ଷ ନେଇଥିଲେ। ଏହା ପରେ ନ୍ୟୁଜିଲାଣ୍ଡ ସରକାର ନାଁକୁ ୭୦ ଅକ୍ଷରକୁ ସୀମିତ କରିଦେଲେ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର

( ଭାଗ-୧୫ )

**ଗ**ତ ସ୍ତମ୍ଭରେ ଆମେ ଆଲୋଚନା କରୁଥିଲେ ପୁରୀରେ ଥିବା ୧୮ ନଳା ବାବଦରେ। ୧୯ଟି ନଳା ଥିବା ସତ୍ତ୍ୱେ ଆମେ ଅଦ୍ୟାବଧି ୧୮... ୧୮..ନଳା ବୋଲି କାହିଁକି ଘୋଷି ହେଉଛେ ଏବଂ ଯଦି ୧୮ ନଳା ହେଲା, ତେବେ ଭଗବତ୍ ପ୍ରାପ୍ତି ସହିତ ୧୮ ନଳାର କି ତାତ୍ତ୍ୱିକ ସମ୍ପର୍କ ଅଛି ; ସେ ବିଷୟରେ ଆମେ କିଛି କିଛି ଆଲୋଚନା କରିଥିଲେ। ତାହାକୁ ପାଠକରି ଅନେକ ପାଠକ ଦୂରଭାଷ ଏବଂ ଚିଠି ମାଧ୍ୟମରେ ୧୮ ନଳା ( ବହୁଳ ପ୍ରଚାରିତ ଦୃଷ୍ଟିରୁ ୧୯ ପରିବର୍ତ୍ତେ ଏ ଲେଖାରେ ସଭିଙ୍କ ବୋଧଗମ୍ୟ ପାଇଁ ମୁଁ ୧୮ ବୋଲି ଉଲ୍ଲେଖ କରୁଛି )ର ଐତିହାସିକ ପୃଷ୍ଠଭୂମି ଉପରେ କିଛି ଆଲୋଚନା କରିବା ପାଇଁ ଅନୁରୋଧ କରିଛନ୍ତି। ତେଣୁ ଆଜି ଆମେ ଅଧ୍ୟାତ୍ମ ତତ୍ତ୍ୱ ଭିତରକୁ ନ ପଶି ସାମାନ୍ୟ ଇତିହାସ ବା ଭୂଗୋଳ ବାବଦରେ ଆଲୋଚନା କରିବା । ପାଠକମାନଙ୍କ ସେଇ ଅନୁରୋଧ ଅନୁଯାୟୀ ଆମେ ଆଜି ସେଇ ନଳାଗୁଡ଼ିକ ବାବଦରେ ଆଲୋଚନାକୁ ପ୍ରବୃତ୍ତ ହେବା ।

ଆପଣମାନଙ୍କୁ ପ୍ରଶ୍ନଟିଏ – ଓଡ଼ିଶାର ଆଉ ଅନ୍ୟ କେଉଁଠି ୧୮ ନଳା ପୋଲ ଅଛି କି ?୧୮ ନଳା କଥା କହିଲେ ଆମ ସମସ୍ତଙ୍କ ଦୃଷ୍ଟି ଚାଲିଯାଏ ପୁରୀକୁ । କାରଣ ଲୋକମୁଖରେ ଏହା ବହୁଳ ପ୍ରଚାରିତ । କିନ୍ତୁ ଓଡ଼ିଶାର ୮୦ ପ୍ରତିଶତ ଲୋକ ବୋଧେ ଜାଣି ନ ଥିବେ ଯେ ଆମ ରାଇଜରେ ଗୋଟିଏ ନୁହେଁ, ତିନି ତିନିଟା ୧୮ ନଳା ପୋଲ ଅଛି । ପ୍ରଥମଟି ପୁରୀ ସହରରେ। ଅନ୍ୟ ଦୁଇଟି ଯାଜପୁର ଜିଲାରେ। ଯାଜପୁରରେ ଥିବା ଦୁଇଟି ୧୮ ନଳା ପୋଲ ବାବଦରେ ଯାଜପୁର ଏବଂ ଏହାର ଆଖପାଖ ଅଞ୍ଚଳର ଖୁବ୍ କମ୍ ଲୋକଙ୍କୁ ଛାଡ଼ିଦେଲେ ଓଡ଼ିଶାର ଅନ୍ୟମାନେ ପ୍ରାୟ ଏ ବାବଦରେ ଜାଣନ୍ତି ନାହିଁ । ଏକଥା କହିବାର କାରଣ ହେଉଛି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଓଡ଼ିଶା ସାରା ବୁଲିବା ଭିତରେ ମୁଁ ଅନେକ ଶିକ୍ଷିତ, ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନଙ୍କୁ ପଚାରିଛି। କିନ୍ତୁ ସେମାନଙ୍କ ଉତ୍ତରରେ ଅଜ୍ଞତା ବାରି ହୋଇଯାଏ । ସେମାନେ ସମସ୍ତେ ଗୋଟିଏ ଏବଂ ତାହା ପୁରୀରେ ଅଛି ବୋଲି ଉତ୍ତର ଦିଅନ୍ତି । ଏପରି ହେବା ମଧ୍ୟ ସ୍ୱାଭାବିକ କଥା । କାରଣ ପୁରୀ ୧୮ ନଳା ବାବଦରେ ପ୍ରାୟ ଅଧିକ ପ୍ରଚାର ହୁଏ । ଅନ୍ୟ ଦୁଇଟି ଯଦିଓ ପୁରୀ ୧୮ ନଳା ନିର୍ମାଣ ହେବା ସମୟର ସମସାମୟିକ ବୋଲି ଆଲୋଚନା ହୁଏ, କିନ୍ତୁ ସେ ଦୁହିଁଙ୍କ ବାବଦରେ ପ୍ରଚାର ବେଶି ହୋଇ ନ ଥାଏ। ତେଣୁ ଯାହା ବି ହେଉ ଆମ ଓଡ଼ିଶାରେ ସର୍ବମୋଟ ତିନିଟି ଜାଗାରେ ୧୮ ନଳା ଅଛି ଏବଂ ଏବେ ବି ବିଦ୍ୟମାନ ।



ପ୍ରଥମଟି ତ ପୁରୀରେ । ଏହା ଜଣାଶୁଣା କଥା । ନାଳିଆ ମାଙ୍କଡା ପଥର ଏବଂ ସୁରୁକି ଚୂନ ଦ୍ୱାରା ଏହା ନିର୍ମିତ । ଏହାର ଲମ୍ବ ୨୯୦ ଫୁଟ୍ ଏବଂ ପ୍ରସ୍ଥ ୩୬ ଫୁଟ୍ । ପୋଲର ମଧ୍ୟଭାଗରୁ ଉଭୟ ପାର୍ଶ୍ୱକୁ ଗଡାଣିଆ ରହିଛି । ଦ୍ୱିତୀୟ ୧୮ ନଳାଟି ରହିଛି ଯାଜପୁରର ମନ୍ଦାକିନୀ ନଦୀ ଉପରେ। ଏ ନଦୀ ଏବେ ଅବଲୁପ୍ତ । ବରାହ ଜୀଉଙ୍କ ଦର୍ଶନ ପାଇଁ ଯିବା ରାସ୍ତାରେ ମୁଖ୍ୟ ରାସ୍ତା ନଅରପଡାର ପଶ୍ଚିମ ପାର୍ଶ୍ୱରେ ଏହି ପୋଲଟି ଅଛି। ରାଜା ଯଯାତି କେଶରୀ ଏହାକୁ ନିର୍ମାଣ କରିଥିବାର କଥା ଇତିହାସ କୁହେ। କିନ୍ତୁ ଅଧୁନା ୧୮ଟି ନଳାରୁ ୨ଟି ନଳା ନାହିଁ । ଜଳସେଚନ ନିମନ୍ତେ ସରକାର ସେ ୨ଟି ନଳାକୁ ଭାଙ୍ଗି ଏକାଠି ମିଶାଇ କେନାଲ ପାଇଁ ପଥ ଉନ୍ମୁକ୍ତ କରିଛନ୍ତି। ଆଉ ୧୬ଟି ନଳା ସହିତ ପୋଲଟି ଏବେ ବି ଅଛି ।

ତୃତୀୟ ୧୮ ନଳାଟି ସେଇ ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶଙ୍ଖ ମୌଜାରେ ଥିବା ଶଗଡଡ଼ିଆ ନଦୀ ଉପରେ ଅଛି । ଅଦୂରରେ ଅଛି ଏକ ପାହାଡ଼, ଯାହାର ନାଁ ହେଉଛି ଲାଙ୍ଗୁଡା ପାହାଡ଼ । ଏଇ ଶଙ୍ଖ ଗ୍ରାମରେ ଥିବା ୧୮ ନଳା ପୋଲଟି ଅନ୍ୟ ଦୁଇଟି ଅପେକ୍ଷା ସର୍ବ ପ୍ରାଚୀନ ଏବଂ ଏହାକୁ ପଞ୍ଚମ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି। ସେଇ ପୋଲ ଦେଇ କୌଣସି ଏକ କାର୍ଯ୍ୟରେ ଯାଉଥିବା ବେଳେ ଦେଖିବାକୁ ପାଇଥିଲି ପୋଲ ଆରମ୍ଭରେ ଏକ ଫଳକ ରହିଛି। ସେଥିରେ ଲେଖା ଅଛି 'ଗଲଗଲି ଶଙ୍ଖ'। ଏପରି ନାମଫଳକ ଦେଖି ମନରେ ଟିକେ କୌତୂହଳ ଜାତ ହେଲା । ନିକଟରେ ଗାଈ ଚରାଉଥିବା ଜଣେ ବୃଦ୍ଧଙ୍କୁ ଏ ବିଚିତ୍ର ନାମକରଣ ବାବଦରେ ପଚାରିବାରୁ ସେ ଯାହା କହିଲେ ତାହା ମୁଁ ଆପଣମାନଙ୍କ ଆଗରେ ପ୍ରକାଶ କରୁଛି । ଲୋକକଥା ଅନୁଯାୟୀ ଅଦୂରରେ ଥିବା ସେଇ ଲାଙ୍ଗୁଡ଼ା ପାହାଡ଼ ଉପରେ ଏକଦା ଶ୍ରୀଜଗନ୍ନାଥ ମଣି ବିଗ୍ରହ ରୂପରେ ପୂଜା ପାଉଥିଲେ । ପ୍ରତ୍ୟେକ ଦିନ ନିଶାର୍ଦ୍ଧରେ ଯାଜପୁରର ଇଷ୍ଟଦେବୀ ମା' ବିରଜା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସନ୍ତି । ୧୮ ନଳା ପୋଲ ଦେଇ ଫେରିବା ବେଳକୁ ଶ୍ରୀଜଗନ୍ନାଥ କୁଆଡ଼େ ଉଚ୍ଚ ସ୍ୱରରେ ବିରଜାଙ୍କୁ ଡାକ ଛାଡ଼ି କୁହନ୍ତି – ଗଲ.... । ସେପଟୁ ବିରଜାଙ୍କ ଉତ୍ତର ମିଳେ – ହଁ, ପ୍ରଭୁ ଗଲି... । ବିରଜା ଏବଂ ଶ୍ରୀଜଗନ୍ନାଥଙ୍କ ଉତ୍ତରକୁ ମିଶାଇ ଏହାର ନାମ ହୋଇଛି 'ଗଲଗଲି ଶଙ୍ଖ' । ବୃଦ୍ଧ ମହାଶୟଙ୍କଠାରୁ ଏ ଉତ୍ତର ପାଇସାରିବା ପରେ ବିଭିନ୍ନ ଐତିହାସିକଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁସାରେ ଜଣାପଡିଲା ଯେ ଲାଙ୍ଗୁଡା ପାହାଡ଼ଟି ବୁଦ୍ଧଙ୍କ ସମୟରେ'ପୁଷ୍ପଗିରି ବିହାର' ଥିଲା। ତହିଁ ପୂର୍ବରୁ ତାହା 'ପୁରୁଷ ମଣ୍ଡପ' ନାମରେ ଖ୍ୟାତ ଥିଲା । ବ୍ରାହ୍ମଣ ଏବଂ ବୈଷ୍ଣବମାନେ ଏହି ମଣ୍ଡପରେ ପୁରୁଷୋତ୍ତମଙ୍କୁ ଆରାଧନା କରୁଥିଲେ।

ତେବେ ପୁରୀରେ ୧୮ ନଳାର ନିର୍ମାଣକୁ ନେଇ ବିଭିନ୍ନ ପ୍ରକାର କିମ୍ବଦନ୍ତୀ ରହିଛି । ପ୍ରଥମ କିମ୍ବଦନ୍ତୀ– ୧୮ ନଳା ପୋଲର ନିର୍ମାଣ କର୍ତ୍ତା ହେଉଛନ୍ତି ମହାରାଜା ଇନ୍ଦ୍ରଦ୍ୟୁମ୍ନ । ନଦୀରେ ପୋଲ ନିର୍ମାଣ କରିବା ସମୟରେ ବହୁ ବାଧାବିଘ୍ନ ଆସିବାରୁ ନଦୀ ମାତୃକାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ସେ ନିଜର ୧୮ ଗୋଟି ପୁତ୍ରଙ୍କର ମସ୍ତକ ଛିନ୍ନ କରି ନଦୀ ମା'ଙ୍କୁ ବଳି ଦେଇଥିଲେ। ତା'ପରେ ପୋଲ ନିର୍ମାଣ ସମ୍ଭବ ହେଲା ବୋଲି ଲୋକକଥାରେ ଅଛି । ୧୮ ପୁଅଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୮ଟି ନଳା ଏବଂ ରାଜାଙ୍କ ସ୍ମୃତି ପାଇଁ ଗୋଟିଏ,ଏମିତି ୧୯ଟି ନଳା ନିର୍ମିତ ହୋଇଛି ବୋଲି କୁହାଯାଏ । ତେବେ ଇନ୍ଦ୍ରଦ୍ୟୁମ୍ନ ତ ବର ମାଗିଥିଲେ ଯେ ତାଙ୍କ ବଂଶରେ କେହି ନ ରୁହନ୍ତୁ ବୋଲି। ୧୮ପୁତ୍ର ଆସିଲେ କିପରି ? ୧୮ ପୁତ୍ରର ଜନକ ଇନ୍ଦ୍ରଦ୍ୟୁମ୍ନ ଏବଂ ଶ୍ରୀଜଗନ୍ନାଥଙ୍କ ମନ୍ଦିର ତୋଳିଥିବା ଇନ୍ଦ୍ରଦ୍ୟୁମ୍ନ ଏକ କି ଅଲଗା ତାହା ମଧ୍ୟ ନିର୍ଣ୍ଣୟସାଧ୍ୟ ।

୧୮ ନଳା ପୋଲର ଦ୍ୱିତୀୟ କିମ୍ବଦନ୍ତୀ–

ରଣପୁର ଇତିହାସ ଅନୁସାରେ ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ହେଉଛନ୍ତି ମୁକୁନ୍ଦଦେବ । ନୟାଗଡ଼ ରାଜା ପଦ୍ମନାଭ ନରେନ୍ଦ୍ର ହେଉଛନ୍ତି ମୁକୁନ୍ଦଦେବଙ୍କ ଜ୍ୱାଇଁ । ପଦ୍ମନାଭ ନରେନ୍ଦ୍ରଙ୍କ ୧୮ ସନ୍ତାନ ଥିଲେ । କିନ୍ତୁ ଯୁଦ୍ଧରେ ମୁକୁନ୍ଦଦେବଙ୍କୁ ସାହାଯ୍ୟ କରିବାକୁ ଯାଇ ପଦ୍ମନାଭ ନରେନ୍ଦ୍ରଙ୍କ ୧୮ ପୁତ୍ର ନିହତ ହୋଇଥିଲେ । ନିଜ ପୁତ୍ରମାନଙ୍କ ସ୍ମୃତି ରକ୍ଷା କରିବାକୁ ଯାଇ ରାଜା ପଦ୍ମନାଭ ନିଜେ ୧୮ଟି ନଳା ଏବଂ ନିଜ ପାଇଁ ଗୋଟିଏ, ଏମିତି ୧୯ଟି ନଳା ନିର୍ମାଣ କରିଥିବାର ଜଣାଯାଏ । ତେବେ ଏ କିମ୍ବଦନ୍ତୀକୁ ଗ୍ରହଣ କରିବାରେ ଟିକେ କେଁ ରହିଛି । କାରଣ ନୟାଗଡ଼ ରାଜାଙ୍କ କଥା ଯାହା କୁହାଯାଉଛି ତାହା ଷୋଡ଼ଶ ଶତାବ୍ଦୀର କଥା । କିନ୍ତୁ ତାହାର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ୧୫୧୦ ଖ୍ରୀଷ୍ଟାବ୍ଦରେ ଚୈତନ୍ୟ ମହାପ୍ରଭୁ ଯେତେବେଳେ ଓଡ଼ିଶାକୁ ଆସିଲେ, ସେତେବେଳେ ସେ ୧୮ ନଳା ପୋଲ ଉପର ଦେଇ ଶ୍ରୀକ୍ଷେତ୍ର ଯାଇଥିବାର କଥା ସମସ୍ତେ ଜାଣନ୍ତି । ତେଣୁ ୧୮ ନଳାକୁ ପଦ୍ମନାଭ ନରେନ୍ଦ୍ର ନିର୍ମାଣ କରିବା ଏବଂ ୧୮ ପୁତ୍ରଙ୍କ ସ୍ମୃତିରେ ନିର୍ମାଣ କରିବା କଥାଟି କାହିଁକି ମନକୁ ପାଏନା ।

ତୃତୀୟ କିମ୍ବଦନ୍ତୀ:– ଇତିହାସ ଅନୁଯାୟୀ ମତ୍ସ୍ୟକେଶରୀ ନାମରେ ଏକ ସୋମବଂଶୀ ରାଜା ପ୍ରଥମେ ଏହି ୧୮ ନଳା ପୋଲକୁ ମଧୁପୁର ନଦୀ ଉପରେ ନିର୍ମାଣ କରିଥିଲେ। ଜଳ ନିଷ୍କାସନକୁ ଆଖିରେ ରଖି ଭାଗମାପ ଅନୁଯାୟୀ ୧୮ଟି ନଳା ଏବଂ ପରେ ଆବଶ୍ୟକ ପଡ଼ିବାରୁ ଆଉ ଗୋଟିଏ ନଳା ଯୋଡ଼ା ଯାଇଥିଲା । ପରେ ୧୩ଶ ଶତାବ୍ଦୀରେ ମହାରାଜ ନରସିଂହଦେବ ଏହି ପୋଲକୁ ମରାମତି କରାଇଥିଲେ, ଯାହା ଆମ ଆଗରେ ଆଜି ବିଦ୍ୟମାନ । ତେବେ ଏହି ଶେଷ କିମ୍ବଦନ୍ତୀଟି କେଜାଣି କାହିଁକି ମନକୁ ପାଏ । ଆମେ ତ ଐତିହାସିକ ନୋହୁଁ, କିନ୍ତୁ ମନକୁ ପାଇବା ପରି କିମ୍ବଦନ୍ତୀଟି ହେଉଛି ମତ୍ସ୍ୟକେଶରୀଙ୍କ କଥା। କାରଣ ଅନ୍ୟ ଦୁଇଟି ସ୍ଥାନରେ ଯେଉଁ ୧୮ ନଳା ପୋଲ ରହିଛି, ସେଠାରେ ୧୮ ସଂଖ୍ୟାକୁ ନେଇ ସେମିତି କିଛି ତଥ୍ୟ ନାହିଁ । ତା' ଛଡା ଯୁଦ୍ଧରେ ଯେ ଜଣେ ରାଜା ନିଜର ସବୁତକ ୧୮ ପୁଅଙ୍କୁ ମରଣମୁହଁକୁ ଠେଲି ଦେଇ ନିଜ ବଂଶକୁ ନିର୍ବଂଶ କରିଦେବ କିମ୍ବା ନଦୀ ମାତୃକାଙ୍କୁ ପ୍ରଜାମାନଙ୍କ ମୁଣ୍ଡ ବଳି ନ ଦେଇ ନିଜ ୧୮ ପୁଅଙ୍କୁ ବଳି ଦେଇଦେବ, ଏକଥା ବି ବିଶ୍ୱାସଯୋଗ୍ୟ ହେଉନି ।

*–ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ*
*ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ:୯୪୩୭୨୯୨୬୯୯*

## ସମୀକ୍ଷାୟନ

### କାବ୍ୟଲୋକ

**ସମ୍ପାଦକ– ଭିକାରୀ ଧଳ, ଗ୍ୟାରେଜ ଛକ, ଲୁଇସ୍‌ରୋଡ**
**ଭୁବନେଶ୍ୱର-୨ , ମୂଲ୍ୟ-୧୬୦ଟଙ୍କା**


'**କା**ବ୍ୟଲୋକ' ଶାରଦୀୟ ବିଶେଷାଙ୍କ ଭିକାରୀ ଧଳଙ୍କ ସମ୍ପାଦନାରେ ପ୍ରକାଶ ପାଇଛି। ସମ୍ପାଦକୀୟରେ ସମୟର କଥା: କବି ଓ କବିତା ପ୍ରକାଶ ପାଇଛି । ଏଥିରେ ସମ୍ପାଦକ ପୁରସ୍କାର ଆଉ ସମ୍ବର୍ଦ୍ଧନାର କଥାକୁ ନେଇ କେତେକ ଚମତ୍କାର କଥା ଲେଖିଛନ୍ତି। ସେହିପରି ସଂଖ୍ୟାଟିରେ କାବ୍ୟାନୁଭବରେ 'ଗ୍ୟାଙ୍ଗଟକ୍‌ରେ କବିତା ଉତ୍ସବ'– ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, 'କାବ୍ୟଚର୍ଚ୍ଚା'ରେ ସଂଘମିତ୍ରା ମିଶ୍ର ଓ ରତ୍ନାକର ରାଉତ ରହିଛନ୍ତି। 'ତପସ୍ୟାର ତପୋବନ' କବି ହିମାଂଶୁ ପଟ୍ଟନାୟକ, ବିମୁଗ୍ଧ ବାଙ୍ମୟତାରେ ନୃସିଂହ ତ୍ରିପାଠୀ, ହିମାଂଶୁ କୁମାର ପଟ୍ଟନାୟକ, ସୌଭାଗ୍ୟବନ୍ତ ମହାରଣା, ହୃଷୀକେଶ ମଲ୍ଲିକ, ଅଶୋକ ମହାନ୍ତି ଓ ରଂଜନ କୁମାର ଦାସ ପ୍ରମୁଖ ରହିଛନ୍ତି। 'କାବ୍ୟ ଆଲୋଚନା'ରେ ଡକ୍ଟର ଦିଲୀପ ସ୍ୱାଇଁ, ରଞ୍ଜିତା ନାୟକ, ରଘୁନାଥ ମେହେର ଓ ମଣୀନ୍ଦ୍ର ମେହେର ପ୍ରମୁଖ ରହିଛନ୍ତି । 'ବିମୁଗ୍ଧ ବାଙ୍ମୟତା ନାରୀସ୍ୱର'ରେ ନୀତା ବହିଦାର, ସୀମା ମିଶ୍ର ଓ ଅନ୍ୟମାନେ ରହିଛନ୍ତି । 'କାବ୍ୟ ବ୍ୟକ୍ତିତ୍ୱ'ରେ ହରିବଂଶ ରାୟ ବଚ୍ଚନ ଅଛନ୍ତି। କାବ୍ୟ ଆଲୋଚନାରେ ଡକ୍ଟର ସଂଘମିତ୍ରା ମହାପାତ୍ର ଓ ହେନେରିଟା ମିଶ୍ର ଅଛନ୍ତି । ବିମୁଗ୍ଧ ବାଙ୍ମୟତାରେ ପ୍ରଭାକର ମହାପାତ୍ର, କୁମୁଦ ଚନ୍ଦ୍ର ଦାସ, ଭରତ ବେହେରା ଓ ବିଦ୍ୟାଧର ବେହେରା ସହ ଅଛନ୍ତି ଆହୁରି ଅନେକ । ସେହିପରି କାବ୍ୟ ଆଲୋଚନା, ଗୀତି କବି ଓ କବିତା ଏବଂ କାବ୍ୟ ମୂଲ୍ୟାୟନ ଆଦି ରହିଛି । ପତ୍ରିକାଟିର ପ୍ରଚ୍ଛଦ ବେଶ୍ ସୁନ୍ଦର ହୋଇଛି।




### ସୃଜନର ସୁଗନ୍ଧ

**ସମ୍ପାଦକ– ଦୀପ୍ତି ଖଣ୍ଡୁଆଳ, ସିହା, ଏରସମା, ଜଗତ୍‌ସିଂହପୁର**
**ମୂଲ୍ୟ– ୧୦୦ ଟଙ୍କା ।**

'**ସୃ**ଜନର ସୁଗନ୍ଧ'ର ପାର୍ବଣ ସଂଖ୍ୟା ପ୍ରକାଶିତ ହୋଇଛି। ସମ୍ପାଦକୀୟରେ ରାଜନୀତି ଖସିପଡୁଥିବା ବେଳେ ସାହିତ୍ୟ ତାକୁ ସମ୍ଭାଳି ନିଏ ବୋଲି କୁହାଯାଇଛି। ପ୍ରକୃତରେ ସାହିତ୍ୟର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ । ଏଥିରେ ସ୍ମରଣୀୟ ଗଳ୍ପରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶିକାର, ଅନ୍ନପୂର୍ଣ୍ଣା ମହାରଣାଙ୍କ ଦସ୍ୟୁ ହୃଦୟରେ ଦେବତା, କବିତାରେ ସୀତାକାନ୍ତ ମହାପାତ୍ର, ବନଜ ଦେବୀ, ପ୍ରବାସିନୀ ମହାକୁଡ, ପୀତାମ୍ବର ତରାଇ, ସ୍ୱପ୍ନା ମିଶ୍ର ଓ ପିନାକୀ ମିଶ୍ର ରହିଛନ୍ତି । ଗଳ୍ପରେ ଆର୍ଯ୍ୟ ଯଜ୍ଞଦତ୍ତ, ସତ୍ୟ ମିଶ୍ର, ଗୌରହରି ଦାସ, ଅରବିନ୍ଦ ରାୟ, ଅଜୟ ସ୍ୱାଇଁ, ମୃତ୍ୟୁଞ୍ଜୟ ଷଡଙ୍ଗୀ, ଦୀପ୍ତି ଖଣ୍ଡୁଆଳ, ଶକ୍ତି ପ୍ରଭା ମିଶ୍ର, କୃପାସାଗର ସାହୁ, ହଂସନାଥ ମୁଦୁଲି, ଜ୍ୟୋସ୍ନା କୁମାରୀ ନାୟକ ଓ ବିଚିତ୍ର ବିଶ୍ୱାଳ ଅଛନ୍ତି । ଅନୁବାଦ ଗଳ୍ପରେ ବଙ୍ଗଳୀ ନନ୍ଦ, ପ୍ରବନ୍ଧରେ ଡକ୍ଟର ସର୍ବେଶ୍ୱର ସେଣ, ଦାଶରଥି ଜେନା ଓ ଡ. ସାରଦା ପ୍ରସାଦ କର ଅଛନ୍ତି । ମିନି କଳ୍ପରେ କାଶୀନାଥ ନନ୍ଦୀ ଓ ଗାୟତ୍ରୀ ଦାସ ରହିଛନ୍ତି । ପତ୍ରିକାଟିର ପ୍ରଚ୍ଛଦ ସୁନ୍ଦର ଓ ଲେଖାଗୁଡିକ ମଧ୍ୟ ଉଚ୍ଚକୋଟିର ହୋଇଛି।



# ଖାଦ୍ୟ ମହକରେ ଉଠିବେ ଗ୍ରାହକ


ସକାଳୁ ସକାଳୁ ଯେବେ ଆଲାର୍ମର ଶବ୍ଦ କାନରେ ବାଜେ, ଭାରି ବିରକ୍ତ ଲାଗେ। ଇଚ୍ଛା ହୁଏ ଆଲାର୍ମକୁ ଫୋପାଡ଼ି ଦେବାକୁ। ଆଉ ଯେବେ ହୋଟେଲରେ ଆରାମ କରିବାକୁ ଯାଇଥାଆନ୍ତି, ସେଠି ତ ଆଲାର୍ମ ଶବ୍ଦ ଶୁଣିବାକୁ ଜମାରୁ ଇଚ୍ଛାହୁଏନା। ଖାଲି ଆରାମରେ ଶୋଇବାକୁ ଇଚ୍ଛା ହୁଏ। ଏବେ କିନ୍ତୁ ଏଭଳି ସ୍ଥିତି ଆଉ





ଉପୁଜିବ ନାହିଁ, ଖାସ୍‌କରି ହୋଟେଲ ରହଣି ସମୟରେ। କାରଣ ଏକ ହୋଟେଲ କମ୍ପାନୀ ତିଆରି କରିଛି ଏଭଳି ଏକ ଆଲାର୍ମ, ଯାହାକି ତାଙ୍କ ଗ୍ରାହକଙ୍କୁ କର୍କଶ ଶବ୍ଦରେ ନୁହେଁ, ବରଂ ଖାଦ୍ୟର ସୁଗନ୍ଧରେ ନିଦରୁ ଉଠାଇବ। ହଲିଡେ’ଇନ୍ ଏକ୍ସପ୍ରେସ୍ ନାମକ ଏକ ହୋଟେଲ ଚେନ୍ ‘ୱେକ୍ ଅପ୍ ଆଣ୍ଡ ସ୍ମେଲ ଦ ବେକନ୍’ ଟ୍ୟାଗ୍‌ଲାଇନ୍‌ରେ ଗ୍ରାହକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ କରାଉଛି, ଯେଉଁଥିରେ ଗ୍ରାହକଙ୍କୁ ବିପ୍ ଅବା ବଜର୍ ଶବ୍ଦରେ ଉଠାଯିବ ନାହିଁ। ବରଂ ସକାଳ ଜଳଖିଆର ସୁଗନ୍ଧରେ ଉଠାଯିବ। ତେଣୁ ଏହି ସୁବିଧାର ନାଁ ‘ବ୍ରେକଫାଷ୍ଟ ଆଲାର୍ମ କ୍ଲକ’ ରଖାଯାଇଛି। ଏଥିରେ ହୋଟେଲ କର୍ମଚାରୀ ଗ୍ରାହକଙ୍କୁ ଏକ ଡିଭାଇସ୍ ଦେବେ, ଯାହାକି ଗ୍ରାହକଙ୍କ ପ୍ରିୟ ଖାଦ୍ୟର ସୁଗନ୍ଧ ନିର୍ଗତ କରିବ। ଆଉ ଗ୍ରାହକ ସେହି ବାସ୍ନାକୁ ଆଘ୍ରାଣ କରି ଉଠିବେ। ଖାସ୍ କରି ଏହି ଡିଭାଇସ୍‌ରୁ କଫି, ବେକନ୍ ଅବା ବ୍ଲୁ ବେରି ମଫିନ୍‌ର ସୁଗନ୍ଧ ନିର୍ଗତ ହୋଇଥାଏ। କେବଳ ନ୍ୟୁଜିଲାଣ୍ଡ ନୁହେଁ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଥାଇଲାଣ୍ଡ ଓ ଜାପାନର କିଛି ହୋଟେଲରେ ବି ଏହି ସୁବିଧା ଉପଲବ୍ଧ ହେବ। ସକାଳୁ ସକାଳୁ ଗ୍ରାହକ ନିଜ ମନପସନ୍ଦର ଖାଦ୍ୟ ମହକରେ ଉଠିବା ସତରେ କେତେ ମଜାଦାର! ସକାଳର ଆରମ୍ଭ ଯେତେବେଳେ ଭଲ ହେବ, ପୂରା ଦିନ ବି ଭଲରେ କଟିବ। ତେଣୁ ଏଭଳି ବ୍ୟବସ୍ଥା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ।




# ଜୀବନ୍ତ ପଥର









ଭାବୁଥିବେ ଫୁଲକୁଣ୍ଡରେ ଛୋଟ ଛୋଟ ରଙ୍ଗିନ ପଥର ଅଛି। ହେଲେ ଏସବୁ ପଥର ନୁହେଁ, ବରଂ ଏକପ୍ରକାରର ସେକ୍ୟୁଲାଣ୍ଟ ପ୍ଲାଣ୍ଟ। ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳୁଥିବା ଏହି ମାଂସଳ ପ୍ଲାଣ୍ଟଟି ‘ଜୀବନ୍ତ ପଥର’ ଭାବେ ବି ପରିଚିତ। ଶାକାହାରୀ ପ୍ରାଣୀଙ୍କଠୁ ନିଜକୁ ବଞ୍ଚାଇବା ଲାଗି ଏହାର ବିକାଶ ଏଭଳି ହୋଇଛି। ଏହାର ଦୁଇଟି ପତ୍ର ଥାଏ ଯାହାକି, ଖୁବ୍ ମାଂସଳ ଓ ମୋଟା। ମାଟି ଭିତରେ ଏହାର ଅଧିକାଂଶ ଅଂଶ ରହିଥାଏ। ବାହାରକୁ ଅଳ୍ପ କିଛି ଦେଖାଯାଏ। ଆଉ ଯେଉଁ ଅଂଶ ଦେଖାଯାଏ ତାହା ଦୁଇଟି ପଥର ଭଳି ଦେଖାଯାଏ। ଯାହାକି ମଝିରୁ ଫାଳ ହୋଇଥାଏ। ଅନେକାଂଶରେ ପ୍ଲାଣ୍ଟଟି ଅଧା କମଳା ଭଳି ଦେଖାଯାଏ। ଏହି ଦୁଇ ମାଂସଳ ପତ୍ର ମଝିରୁ ଫୁଲ ଫୁଟିଥାଏ। ଲାଗେ ସତେ ଯେମିତି ପଥରର ମଝିକୁ ଫଟେଇ ଫୁଲଟି ବାହାରିଛି। ଏହାର ଶାଖା ପ୍ରଶାଖା ନ ଥାଏ। ଏହାର ରଙ୍ଗ ଧୂସର, ଲାଲ ଓ ବାଇଗଣୀ ରଙ୍ଗର ବି ହୋଇଥାଏ। ପତ୍ରଝଡ଼ା ସମୟରେ ଏଥିରେ ଆକର୍ଷକ ଓ ସୁଗନ୍ଧଭରା ଫୁଲ ଫୁଟିଥାଏ। ଏହି ଫୁଲ ଦ୍ୱିପ୍ରହରରେ ଫୁଟେ ଓ ରାତିରେ ବୁଜି ହୋଇଯାଏ। ଏହାକୁ ଅଧିକ ଯତ୍ନ ନେବାର ଆବଶ୍ୟକତା ପଡ଼ି ନ ଥାଏ। ଏଥିରେ ଅଧିକ ପାଣି ଦେବାକୁ ପଡ଼ି ନ ଥାଏ। ଏଥିରେ ହଳଦିଆ ରଙ୍ଗର ବଡ଼ ବଡ଼ ଓ ଖୁବ୍ ସୁନ୍ଦର ଫୁଲ ଫୁଟେ, ଯାହାକି ଦେଖିବାକୁ ଖୁବ୍ ସୁନ୍ଦର।



# ଘୋଡ଼ା ପରି ଡେଉଁଛନ୍ତି ଠେକୁଆ

ଠେକୁଆ ଦ୍ରୁତ ବେଗରେ ଦୌଡ଼େ ଓ ଖୁବ୍ ଡିଆଁଡେଇଁ କରେ ବୋଲି ସମସ୍ତେ ଜାଣନ୍ତି। ତେବେ ଜାଣନ୍ତି କି ଠେକୁଆର ଏହି ଗୁଣକୁ ନେଇ ଏକ ପ୍ରତିଯୋଗିତା ବି ଆୟୋଜନ ହୁଏ ବୋଲି ? ସ୍ୱିଡେନରେ ଆୟୋଜିତ ହୁଏ ଏହି ପ୍ରତିଯୋଗିତା। ଯାହାର ନାଁ ହେଉଛି ‘ରାବିଟ୍ ଶୋ’ ଜମ୍ପିଂ’। ଏଥିରେ ପୋଷା ଠେକୁଆଗୁଡ଼ିକ ଏକ ଶୃଙ୍ଖଳରେ ଓ କିଛି କିଛି ବ୍ୟବଧାନରେ ଥିବା ହର୍ଡଲ୍ସକୁ ଦୌଡ଼ି ଓ ଡେଇଁକି ପାର୍ କରନ୍ତି। ଏହି ପ୍ରତିଯୋଗିତାକୁ ଦେଖିଲେ ହର୍ଷ ଶୋ’ ଜମ୍ପିଂ ରେସ୍ କଥା ମନେପଡ଼ିଯିବ। ଏହି ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର କୋର୍ସ ଥାଏ ଯେମିତିକି ସିଧା କୋର୍ସ, ବଙ୍କା କୋର୍ସ, ଲମ୍ବା କୋର୍ସ ଓ ଉଚ୍ଚା କୋର୍ସ। ହର୍ଡଲ୍ସଗୁଡ଼ିକୁ ଠେକୁଆମାନଙ୍କ ଆକାର ଅନୁସାରେ ତିଆରି କରାଯାଇଥାଏ। ଏଥିରେ ବାରିକେଡ, ରେଲିଂ ଓ ଦଉଡି ଉପରୁ ଡେଇଁବାର ବ୍ୟବସ୍ଥା କରାଯାଇଥାଏ। ଏହି ପ୍ରତିଯୋଗିତାର ଏକ ଭଲ ନିୟମ ହେଉଛି, ଯଦି କୌଣସି ଠେକୁଆ ଦୌଡ଼ିବାକୁ ଚାହିଁ ନ ଥାଏ ତାକୁ ଜବରଦସ୍ତ କରାଯାଏ ନାହିଁ। ଏଥିରେ ଠେକୁଆର ଇଚ୍ଛା ଓ ଖୁସିକୁ ପ୍ରାଥମିକତା ଦିଆଯାଏ। ଏହି ଖେଳ ପିଲାଙ୍କ ଭିତରେ ବହୁତ ଲୋକପ୍ରିୟ।